# ରାଉରକେଲା ଆଇନ ମହାବିଦ୍ୟାଳୟରେ ବିଦାୟକାଳୀନ ସଭା ଓ ସାର୍ଟିଫିକେଟ୍ ପ୍ରଦାନ



ରାଉରକେଲା,୨୬ ।୭(ସିଟି): ରାଉରକେଲା ଆଇନ ମହାବିଦ୍ୟାଳୟରେ ବିଦାୟୀ ଛାତ୍ରଛାତ୍ରୀଙ୍କ ପାଇଁ ବିଦାୟକାଳୀନ ସଭା ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ଏଥିରେ ଅଧ୍ୟକ୍ଷ ନୟନ ରଞ୍ଜନ ନନ୍ଦୀ ଯୋଗଦେଇ ଅଧ୍ୟକ୍ଷତା କରିଥିଲେ । ଶ୍ରୀ ନନ୍ଦୀ ପିଲାଙ୍କୁ ଉଦବୋଧନ ଦେଇ ପିଲାଙ୍କୁ ଜୀବନରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । କ୍ୟାରିୟର ହେଉ ଅବା ଜୀବନରେ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦେଲେ ଛାତ୍ରଛାତ୍ରୀ ସମସ୍ତ କାମକୁ ସଠିକ୍ ଭାବେ କରିପାରିବ ବୋଲି ମତ ରଖିଥିଲେ । ଅଧ୍ୟାପକ, ଅଧ୍ୟାପିକାଙ୍କ ମଧ୍ୟରେ ଦିବ୍ୟେନ୍ଦୁ କୁମାର ପଣ୍ଡା, ପ୍ରଜ୍ଞା ପରମିତା ପଣ୍ଡା, ସମ୍ପାଦିକା ମହାନ୍ତି, ମହମ୍ମଦ ରଫିକ୍, ସୁନୀଲ କୁମାର ବିଶି, ଟି.ଏନ୍ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ । ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରି କହିଲେ, ପରିବର୍ତ୍ତନ ପିଲାଙ୍କ ମଧ୍ୟରେ ବିଶ୍ୱାସ ଜାଗ୍ରତ କରେ । ଜୀବନରେ ପରିବର୍ତ୍ତନ ନିହାତି ଦରକାର । କିପରି ନିଜ କାର୍ଯ୍ୟକୁ ସଠିକ୍ ଭାବେ କରିପାରିବେ ତାହା ଉପରେ ପିଲାମାନେ ଗୁରୁତ୍ୱ ଦେବା ଆବଶ୍ୟକ । ଆଇନ ମହାବିଦ୍ୟାଳୟରେ ପାଠ ପଢି ବିଭିନ୍ନ ଆଇନ ସମ୍ପର୍କରେ ଜାଣିବା ପରେ ତାହାକୁ କିପରି ସମାଜର ଭଲ କାର୍ଯ୍ୟରେ ଲଗାଯାଇପାରିବ ସେ ସମ୍ପର୍କରେ ସଚେତନ ହେବା ଦରକାର । ଏହାପରେ ପ୍ରାୟ ୪୧ଜଣ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଆମିର ଆତିକ, ପ୍ରଜ୍ଞା ପରମିତା ମହାପାତ୍ର ମଞ୍ଚ ସଂଯୋଜନା କରିଥିଲେ ।

Scanned with CamScanner

ସମାଜ
Diamond Year
ରବିବାର, ଜୁଲାଇ-୨୮, ୨୦୧୯
ଶିକ୍ଷା...

# ରାଉରକେଲା ଆଇନ ମହାବିଦ୍ୟାଳୟରେ ବନମହୋତ୍ସବ



ରାଉରକେଲା, ୨୭ ।୭ (ସିନି): ରାଉରକେଲା ଆଇନ ମହାବିଦ୍ୟାଳୟରେ ବନମହୋତ୍ସବ ପାଳିତ ହୋଇଯାଇଛି । ଅଧ୍ୟକ୍ଷ [illegible] [illegible] ଅଧ୍ୟକ୍ଷତା କରିଥିଲେ । ଏଥିରେ ଅତିଥି ଭାବ, ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ । ରାଉରକେଲା [illegible] [illegible] ସଞ୍ଜୟ କୁମାର ସ୍ୱାଇଁ, [illegible] ତହସିଲଦାର ଦିଲୀପ ପଟ୍ଟନାୟକ, [illegible] [illegible] ମେଡିକାଲ କଲେଜ ଏବଂ ହସ୍ପିଟାଲର ପ୍ରିନ୍ସିପାଲ ଡା. [illegible] ଦିବାକର ପଣ୍ଡା, ରାଉରକେଲା ଆଇନ୍ ମହାବିଦ୍ୟାଳୟ ଗଭର୍ଣ୍ଣିଂବଡ଼ିର ସଭାପତି ସଞ୍ଜୀବ କୁମାର ମହାନ୍ତି, କାଶୀନାଥ ପଣ୍ଡା, ଚାମ୍ବର ଅଫ୍ କମର୍ସର ସଭାପତି ପ୍ରବୀଣ ଗର୍ଗ, ସମାଜସେବୀ ସୁନୀଲ କୁମାର ଜୟାଲ, ସୁନୀଲ କୁମାର ଟିର୍କି, ଦିବ୍ୟେନ୍ଦୁ କୁମାର ପଣ୍ଡା, ପ୍ରଜ୍ଞା ପରମିତା ପଣ୍ଡା, ସମ୍ପାଦିକା ମହାନ୍ତି, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ଦେବେନ୍ଦ୍ର ନାଥ ବେହେରା, [illegible] [illegible] ମହାବିଦ୍ୟାଳୟର ପ୍ରିନ୍ସିପାଲ ଡ ବସନ୍ତ ମଞ୍ଜରୀ ରାୟ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ ।

NEELASHAILA MAHAVIDYALAYA
NILADRI VIHAR, JAGDA, ROURKELA-42

Scanned with CamScanner

କରାଯାଇଛି । ଆସୋସିଏସନ ପକ୍ଷରୁ ସଭାପତି ଜୟଦେବ ମିଶ୍ର, ସାଧାରଣ ସମ୍ପାଦକ ସଜଲ ବାନାର୍ଜୀ, କର୍ମକର୍ତ୍ତା ଶ୍ରୀଚରଣ ସାମଲ, ଅମୂଲ୍ୟ ବିଶ୍ୱାଳ, ବିଜୟ ପଣ୍ଡା ପ୍ରମୁଖ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ଏହି ଚେକ୍ ପ୍ରଦାନ କରିଥିଲେ । ଉପଜିଲାପାଳ ଶ୍ରୀ ମହାପାତ୍ର କରୋନା ଦୁର୍ଗତଙ୍କ ପାଇଁ ଆସୋସିଏସନର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ ।


## ଆଇନ ମହାବିଦ୍ୟାଳୟର ରିଲିଫ ପାଣ୍ଠିକୁ ଦାନ

ରାଉରକେଲା, ୭।୫ (ଆ.ପ୍ର.): ନୟାବଜାରସ୍ଥିତ ରାଉରକେଲା ଆଇନ ମହାବିଦ୍ୟାଳୟ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରାଯାଇଛି । ମହାବିଦ୍ୟାଳୟ ପରିଚାଳନା ପରିଷଦର କାର୍ଯ୍ୟକାରୀ ସଭାପତି ସଂଜୀବ ମହାନ୍ତି, ସରିତା ମଲ୍ଲ, କାଶୀନାଥ ପଣ୍ଡା, ମନୋରଂଜନ ମହାନ୍ତି ଓ ଅଧ୍ୟକ୍ଷ ନୟନ ରଂଜନ ମହାନ୍ତିଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଚେକ୍ ପ୍ରଦାନ କରାଯାଇଛି ।

## ବିଦେଶରୁ ରାଉରକେଲିଆ

# 'ଅଫିସ୍ କ୍ୟାବିନ୍‌ରେ କାମ ବେଳେ ଏଣିକି ୪ଜଣ ବଦଳରେ ଜଣେ'

ରାଉରକେଲା, ୭।୫ (ସିଟି): କରୋନା ମହାମାରୀକୁ ରୋକିବା ପାଇଁ ଓଡ଼ିଶାରେ ଅନେକ କିଛି ପଦକ୍ଷେପ ନିଆଯାଇଛି । କରୋନାକୁ ହରାଇବା ପାଇଁ ହେଲେ ନିଜକୁ ସତର୍କ ରହିବାକୁ ପଡ଼ିବ । ଘରୁ କମ୍ ବାହାରିବା ଦରକାର ଓ ସାମାଜିକ ଦୂରତା ରଖିବା ଉଚିତ୍ । ସରକାରଙ୍କ ପ୍ରତ୍ୟେକ ନିୟମକୁ ପାଳନ କରିବା ।



ଆବଶ୍ୟକତା ।

# ରାଉରକେଲା ଆଇନ ମହାବିଦ୍ୟାଳୟକୁ ସାନିଟାଇଜର ଡିସ୍‌ପେନସର ପ୍ରଦାନ



ରାଉରକେଲା,୭।୭(ସିଟି): ଡାମିଟ୍‌ସ୍ ଗ୍ରୁପ ତରଫରୁ ରାଉରକେଲା ଆଇନ୍ ମହାବିଦ୍ୟାଳୟକୁ ସାନିଟାଇଜର ଡିସ୍‌ପେନସର ମେସିନ୍ ପ୍ରଦାନ କରାଯାଇଛି । ଡାମିଟ୍ସ ଡିନ୍ ଡ. ଭବାନୀ ଶଙ୍କର ଦାଶ ଏହାକୁ ପ୍ରଦାନ କରିଥିଲେ । କଲେଜର କାର୍ଯ୍ୟକାରୀ ସଭାପତି ସଞ୍ଜୀବ କୁମାର ମହାନ୍ତି ଅଧ୍ୟକ୍ଷ ନୟନ ରଞ୍ଜନ ନନ୍ଦୀ ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ଉପସ୍ଥିତିରେ ଏହାକୁ ଉଦ୍‌ଘାଟନ କରାଗଲା । ଡ. ଦାଶ ମେସିନ୍‌ର ଉପକାରିତା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଅଧ୍ୟକ୍ଷ ଶ୍ରୀ ନନ୍ଦୀ କୋଭିଡ଼ ସମ୍ବନ୍ଧୀୟ ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଦେଇଥିଲେ ।

Scanned with CamScanner

# ଆଇନ ମହାବିଦ୍ୟାଳୟ ଓ ପାନପୋଷ ତାଲୁକ ଆଇନ ସେବା କମିଟିର ମାନବିକ ଅଧିକାର ଦିବସ

ରାଉରକେଲା,୧୦।୧୨(ଆ.ପ୍ର.): ଭର୍ଚୁଆଲ ବ୍ୟବସ୍ଥାରେ ନୟାବଜାରସ୍ଥିତ ରାଉରକେଲା ଆଇନ ମହାବିଦ୍ୟାଳୟ ସହଯୋଗରେ ପାନପୋଷ ତାଲୁକ ଆଇନ ସେବା କମିଟି ପକ୍ଷରୁ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି । ଏଥିରେ ସଭାପତିତ୍ୱ କରି ତାଲୁକ ଆଇନସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ (ପ୍ରଥମ) ଦୀପକ କୁମାର ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଲେ ଯେ ୧୦ ତାରିଖରେ ମାନବ ଅଧିକାରର ସାର୍ବଜନୀନ ଘୋଷଣାପତ୍ର ପ୍ରସ୍ତୁତ ହୋଇଥିଲା । ଜାତିସଂଘ ଦ୍ୱାରା ଏହା ଅନୁମୋଦିତ ହେବା ପରେ ଡିସେମ୍ବର ୧୦କୁ ସାରା ବିଶ୍ୱରେ ମାନବିକ ଅଧିକାର ଦିବସ ରୂପେ ପାଳନ କରାଯାଉଛି । ଆଇନ ଆଖିରେ ସମସ୍ତେ ସମାନ । ଏହା ଥିଲା ଏହାର ମୂଳ ଆଭିମୁଖ୍ୟ । ହାଜତ୍ ମୃତ୍ୟୁ ସମ୍ପର୍କରେ ମାଜିଷ୍ଟ୍ରେଟ ତଦନ୍ତ ବାଧ୍ୟତାମୂଳକ ବୋଲି ଅଧ୍ୟକ୍ଷ ଶ୍ରୀ କୁମାର କହିଥିଲେ । ଜନସାଧାରଣଙ୍କର ଏହି ଅଧିକାର ଯେପରି କ୍ଷୁର୍ଣ୍ଣ ନହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ । ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ ସଦାଶିବ ଜେନା ବକ୍ତାଭାବେ ଯୋଗଦେଇ କହିଲେ ଯେ ଭାରତୀୟ ସମ୍ବିଧାନର ଧାରା ୨୧ ଅନୁଯାୟୀ ଆଇନ ଅନୁମୋଦିତ କେତେକ ବ୍ୟବସ୍ଥା ବ୍ୟତୀତ ଅନ୍ୟ କୌଣସି ପରିସ୍ଥିତିରେ କୌଣସି ବ୍ୟକ୍ତିକୁ ତା'ର ବଞ୍ଚିବାର ଅଧିକାର ଓ ସ୍ୱାଧୀନତାରୁ କେହି ବଞ୍ଚିତ କରିପାରିବେ ନାହିଁ । ଅନ୍ୟତମ ବକ୍ତା ଏସଡିଜେଏମ ରଂଜନ ପ୍ରଧାନ କହିଲେ ଯେ ଆଇନର ପରିସୀମା ଭିତରେ ସମସ୍ତ ସୁରକ୍ଷା ମିଳିବା ଉଚିତ । ସମ୍ବିଧାନର ମୌଳିକ ଢାଞ୍ଚାର ଉଦ୍ଦେଶ୍ୟ ଲକ୍ଷ୍ୟଚ୍ୟୁତ ନହୋଇ ସମ୍ମାନର ସହ ବଞ୍ଚିବା ପାଇଁ ଏଥିରେ ସମସ୍ତ ଅଧିକାର ପ୍ରଦାନ କରାଯାଇଥିବା ଶ୍ରୀ ପ୍ରଧାନ କହିଥିଲେ । କାର୍ଯ୍ୟକ୍ରମରେ ପରିବାର ଅଦାଲତର ବିଚାରପତି ଧନୁର୍ଦ୍ଧର ସେନାପତି, ସିନିୟର ଜଜ୍ ସିଭିଲ ଡିଭିଜନ ନରୋତ୍ତମ ସେଠୀ, ଜେଏମଏଫସି(ରୁରାଲ) ସିଦ୍ଧାର୍ଥ ଶଙ୍କର ସେନାପତି, ଜେଏମଏଫସି ବିଦ୍ୟୁତଲତା ପ୍ରଧାନ, ଇତିଶ୍ରୀ ମହାପାତ୍ର, ସୌରଭ ସାଗର ପ୍ରଧାନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଆଇନ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ପ୍ରଜ୍ଞା ପରମିତା ପଣ୍ଡା, ଅଧ୍ୟାପକ ତନ୍ମୟ ରାଜ ପାଢୀ ଅଂଶ ଗ୍ରହଣ କରିଥିବା ବେଳେ ଦିବ୍ୟେନ୍ଦୁ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

Scanned with CamScanner

# ରାଉରକେଲା ଆଇନ ମହାବିଦ୍ୟାଳୟରେ ଆଲୋଚନାଚକ୍ର



ରାଉରକେଲା, ୧୫।୨(ଆ.ପ୍ର.): ରାଉରକେଲା ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ 'ଆଇନ ଓ ଭାରତରେ ସାମାଜିକ ରୂପାନ୍ତରଣ ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏହି ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଜନ୍ମେଞ୍ଜୟ ପାଢ଼ୀ, ଅଧ୍ୟାପିକା ସମ୍ପାଦିକା ମହାନ୍ତି ଓ ପ୍ରଜ୍ଞା ପଣ୍ଡା ପରିଚାଳନା କରିଥିଲେ । ସ୍ୱାଗତିକା ନାୟକ, ସଙ୍ଗୀତା ଦାସ, ସୀମା ଦାସ, ଆଞ୍ଚଳ ପ୍ରଧାନ, ନିରଞ୍ଜନ ଚିମା, ଲିପ୍ସା ପୃଷ୍ଟେଠ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାଚକ୍ରରେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପିତ କରିଥିଲେ । ଆଇନ ବ୍ୟବସ୍ଥାର ସଫଳ ଉପଯୋଗ ସାମାଜିକ ବ୍ୟବସ୍ଥାକୁ ସଶକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଆମର ସାମାଜିକ ବିକାଶ ସୁଦୃଢ଼ ହେଲେ ଏକ ସଫଳ ସମାଜ ଗଠନ ପାଇଁ ଏହା ବାଟ ସୃଷ୍ଟି କରିବ ବୋଲି ଏଥିରେ ମତପ୍ରକାଶ ପାଇଥିଲା । ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ବେହେରା ଏହିଭଳି ଆଲୋଚନା ଚକ୍ରରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଲେ ଏହାର ଉଦ୍ଦେଶ୍ୟ ସଫଳ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ ।

Scanned with CamScanner

# ନବାଗତ ଛାତ୍ରଛାତ୍ରୀଙ୍କୁ ଆଇନ ମହାବିଦ୍ୟାଳୟରେ ସ୍ୱାଗତ

ରାଉରକେଲା,୧୭।୨(ଆ.ପ୍ର.): ନୟାବଜାରସ୍ଥିତ ଆଇନ ମହାବିଦ୍ୟାଳୟର ନୂତନ ଶିକ୍ଷା ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଅଧ୍ୟକ୍ଷ ଶ୍ରୀ ବେହେରା ଶୃଙ୍ଖଳା ଓ ଅଧ୍ୟବସାୟ ଉପରେ ଗୁରୁତ୍ୱ ଆରୋପ କରି ଆଇନ ପାଠ୍ୟକ୍ରମର ମାନଦଣ୍ଡ ବିଷୟରେ ସୂଚନା ଦେଇଥିଲେ । ଛାତ୍ରଛାତ୍ରୀଙ୍କ ନିଷ୍ଠା ମହାବିଦ୍ୟାଳୟ ପ୍ରଗତିର ମୂଳ ଆଧାର ହେବ ବୋଲି ସେ କହିଥିଲେ । ଅଧ୍ୟାପିକା ସମ୍ପାଦିକା ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରି ନବାଗତ ଛାତ୍ରଛାତ୍ରୀ ନିଷ୍ଠାର ସହ ଅଧ୍ୟୟନ ପୂର୍ବକ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ମହମ୍ମଦ ରଫିକ, ଅଧ୍ୟାପକ ତନ୍ମୟରାଜ ପାଢ଼ୀ, ଅଧ୍ୟାପିକା ପ୍ରଜ୍ଞାପାରମିତା ପଣ୍ଡା, ଅଧ୍ୟାପକ ଦ୍ୱିବେନ୍ଦୁ କୁମାର ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀଙ୍କର ମାର୍ଗ ଦର୍ଶନ କରିଥିଲେ । ଛାତ୍ରଛାତ୍ରୀ



ସେମାନଙ୍କର ବକ୍ତବ୍ୟ ରଖିବା ସହିତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସହିତ ଭାବ ବିନିମୟ କରିଥିଲେ । ଶେଷରେ ପ୍ରଜ୍ଞାପାରମିତା ପଣ୍ଡା ଧନ୍ୟବାଦ ଦେଇଥିଲେ । ମୁଖ୍ୟ କିରାଣୀ ମନୋରଂଜନ ମହାନ୍ତି ଓ ଅକ୍ଷୟ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

Scanned with CamScanner

# ଆଇନ ମହାବିଦ୍ୟାଳୟରେ ଆଲୋଚନାଚକ୍ର ଓ ସଚେତନତା କାର୍ଯ୍ୟକ୍ରମ


ରାଉରକେଲା,୨।୩(ଆ.ପ୍ର.): ରାଉରକେଲା ଆଇନ ମହାବିଦ୍ୟାଳୟ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼ଃ. ଦେବେନ୍ଦ୍ରନାଥ ବେହେରା ଅଧ୍ୟକ୍ଷତା କରିଥିଲେ। ପ୍ରଥମ ପର୍ଯ୍ୟାୟରେ "ମୃତ୍ୟୁ ଦଣ୍ଡ: ଏକ ଅଭିଶାପ ନା ଆଶୀର୍ବାଦ" ଉପରେ ବିତର୍କ କରାଯାଇଥିଲା। ସବନମକୁ ନେଇ ମାନ୍ୟବର ସୁପ୍ରିମକୋର୍ଟ ଶୁଣାଇଥିବା ଫାଶୀଦଣ୍ଡ ସମ୍ପର୍କିତ ବିଷୟକୁ ନେଇ ଏହି ବିତର୍କ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ତନ୍ମୟ ରାଜ ପାଢ଼ୀ ପରିଚାଳନା କରିଥିଲେ। ଅଧ୍ୟାପକ ଦିବ୍ୟେନ୍ଦୁ କୁମାର ପଣ୍ଡା, ଅଧ୍ୟାପିକା ସମ୍ପାଦିକା ମହାନ୍ତି, ଅଧ୍ୟାପିକା ପ୍ରଜ୍ଞା ପରମିତା ପଣ୍ଡା ଏହି ବିତର୍କରେ ଉପସ୍ଥିତ ରହି ଛାତ୍ର-ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। 'ବିବାହ ପାଇଁ କନ୍ୟାର ବୟସ ୨୧ ବର୍ଷକୁ ବର୍ଦ୍ଧିତ ହେବା ଉଚିତ କି ?' ଶୀର୍ଷକ ଉପରେ ଦ୍ୱିତୀୟ ପର୍ଯ୍ୟାୟ ବିତର୍କ ହୋଇଥିଲା । ବହୁ ଛାତ୍ର-ଛାତ୍ରୀ ଭାଗ ନେଇ ନିଜର ମତ ପ୍ରକାଶ କରିଥିଲେ। ମହାବିଦ୍ୟାଳୟ ଆନୁକୂଲ୍ୟରେ ଏକ କୋଭିଡ-୧୯ ସଚେତନତା ଯାତ୍ରାର ଆୟୋଜନ କରଯାଇଥିଲା। ବହୁ ସଂଖ୍ୟାରେ ଛାତ୍ର-ଛାତ୍ରୀ ଯୋଗଦେଇ ଏକ ଶୋଭାଯାତ୍ରାରେ ନୟାବଜର ଓ ସେକ୍ଟର ୨୧ ରେ ପରିକ୍ରମା କରିଥିଲେ। ଲୋକଙ୍କୁ ମହାବିଦ୍ୟାଳୟର ଛାତ୍ର-ଛାତ୍ରୀ ସଚେତନ କରାଇଥିବା ସହିତ, ବସ୍ତି ଅଞ୍ଚଳକୁ ଯାଇ ସେଠାକାର ଲୋକଙ୍କୁ ଏହି ମହାମାରୀ ବିଷୟରେ ଅବଗତ କରାଇଥିଲେ। ବୟସ୍କ ଲୋକଙ୍କୁ ଟୀକାକରଣ କରିବା ପାଇଁ ମଧ୍ୟ ଉତ୍ସାହିତ କରିଥିଲେ।



ସ୍ଥା ହେଲା, ତାହା ପୂର୍ବରୁ ହୋଇଥିଲେ ଏହି
ଇ ନଥାନ୍ତା ବୋଲି ସେ କହିଛନ୍ତି। ଅନ୍ୟ
ଷ୍ଠ ନାଗରିକ ଅଭିଯୋଗ କରିଥିଲେ ସକାଳ
ନେ ଲାଇନରେ ଥିଲେ ମଧ୍ୟ ସେମାନଙ୍କ
। ବ୍ୟକ୍ତି ଧସେଇ ପଶି ଟିକା ନେଇଥିଲେ।
କମ୍ ବୟସର ବ୍ୟକ୍ତି ଏଠାରେ ପଶିଯାଇ
ଥିବା କିଛି ବରିଷ୍ଠ ନାଗରିକ ଅଭିଯୋଗ
ଏନେଇ ହସପିଟାଲର ପରିଚାଳକ
ାବାସ୍ତବ କହିଲେ ଯେ ପ୍ରାଥମିକ ଅବ୍ୟବସ୍ଥା
ପରେ ସ୍ୱାଭାବିକ ଅବସ୍ଥା ହୋଇଥିଲା। ପୂର୍ବରୁ
ାଙ୍କ ଟିକାକରଣ କରାଯାଇଥିଲା। ଆଜି କୋୱିନ
ସମୟରେ କାମ କଲା ନାହିଁ। ଅନେକ ବ୍ୟକ୍ତି
ରେ ସଠିକ ପଂଜିକରଣ ନକରିବା ଓ କେତେଜଣ
ଡ଼ ଆଣିନଥିବାରୁ ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ଏଭଳି
ବୋଲି ଆଶା କରାଯାଇନଥିବା ବେଳେ ପରିଚାଳନା
କଡ଼ାକଡ଼ି କରିବାର ଥିଲା। ଆଗାମୀ କାଲିଠାରୁ ଏହାକୁ
ଯିବ। ଏହା ସହିତ ବରିଷ୍ଠ ନାଗରିକ ହୋଇଥିବାରୁ
ଅଳ୍ପ ବୟସ୍କଙ୍କ ଭଳି ତାଗିଦ କରିହେବ ନାହିଁ। ତେବେ
ାବ୍ୟବସ୍ଥାକୁ ସୁଧାରିବା ପାଇଁ ଚେଷ୍ଟା କରିବା ସହିତ
ପାଇଁ ଆସିଥିବା ୨୦୦ ବରିଷ୍ଠ ନାଗରିକଙ୍କୁ
ାଯାଇଛି। ୬୦ ବର୍ଷରୁ କମ୍ ଅଥବା ସରକାରଙ୍କ
ର ଥବା ଟିକାକରଣ ବ୍ୟବସ୍ଥା ଆଧାରରେ ହିଁ

Scanned with CamScanner

# ଆଇନ ମହାବିଦ୍ୟାଳୟରେ ଆଲୋଚନାଚକ୍ର



ରାଉରକେଲା,୫।୩(ବ୍ୟୁରୋ): ରାଉରକେଲା ଆଇନ ମହାବିଦ୍ୟାଳୟ ଆନୁକୂଲ୍ୟରେ କୋଭିଡ଼୍-୧୯ ନେଇ ଏକ ସଚେତନତା ଯାତ୍ରାର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟ ଛାତ୍ରଛାତ୍ରୀ ବସ୍ତି ଅଞ୍ଚଳକୁ ଯାଇ ମହାମାରୀ ବିଷୟରେ ଅବଗତ କରିବା ସହିତ ଏଠାରୁ ବର୍ତ୍ତିବା ନିମନ୍ତେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ବିଷୟରେ ସଚେତନ କରିଥିଲେ। ଏହି ଅବସରରେ ବୟସ୍କ ଲୋକଙ୍କୁ ଟୀକାକରଣ କରିବା ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ ତନ୍ମୟ ରାଜ ପାଢୀ ପରିଚାଳନା କରିଥିବା ବେଳେ ଅଧ୍ୟାପକ ପ୍ରଜ୍ଞା ପରମିତା ପଣ୍ଡା ଆୟୋଜିତ ପ୍ରମୁଖ ଉପସ୍ଥିତ ଥିଲେ। ସେହପରି ଏକ ଆଲୋଚନା ଚକ୍ର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲଜପତ ରାୟ ଆଇନ ମହାବିଦ୍ୟାଳୟ ସମ୍ବଲପୁରର ଅଧ୍ୟକ୍ଷ ଡ଼. ବିଜୟା ନନ୍ଦ ବେହେରା ଯୋଗଦେଇ ଆଇନ ଶିକ୍ଷାକୁ ନିଜର ବୃତ୍ତି ଭାବେ ଗ୍ରହଣ କରିବାକୁ ସେ ବିଷୟ ନେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପିକା ଡ଼. ସମ୍ପାଦିକା ମହାନ୍ତି ପରିଚାଳନା କରିଥିବା ବେଳେ ଅଧ୍ୟାପକ ତନ୍ମୟ ରାଜ ପାଢୀ, ଡ଼. ଦ୍ବିବେନ୍ଦୁ କୁମାର ପଣ୍ଡା ଉପସ୍ଥିତ ଥିଲେ। ଶେଷରେ ପ୍ରଜ୍ଞା ପରମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

Scanned with CamScanner

# 'ପୁରୁଷ ଭଳି ସବୁକ୍ଷେତ୍ରରେ ନାରୀର ସମାନ ଅଧିକାର ରହିଛି'

## ଆଇନ୍ ମହାବିଦ୍ୟାଳୟ, ତାଲୁକ ଆଇନ ସେବା ସମିତିର ଆନ୍ତର୍ଜାତିକ ମହିଳା ଦିବସ



ରାଉରକେଲା,୮।୩(ଆ.ପ୍ର.): ପୁରୁଷ ଭଳି ସବୁକ୍ଷେତ୍ରରେ ନାରୀର ସମାନ ଅଧିକାର ରହିଛି । ଆମ ସମ୍ବିଧାନ ଓ ଆଇନରେ ଏଥିପାଇଁ ସ୍ୱତନ୍ତ୍ର ପ୍ରାବଧାନ ରହିଛି ବୋଲି ରାଉରକେଲା ଆଇନ୍ ମହାବିଦ୍ୟାଳୟ ଓ ତାଲୁକ ଆଇନ୍ ସେବା ସମିତି, ରାଉରକେଲାର ମିଳିତ ଆନୁକୂଲ୍ୟରେ ଆଇନ୍ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଅନ୍‌ଲାଇନ୍ ୱେବିନାରରେ ମତପ୍ରକାଶ ପାଇଛି । ପ୍ରଥମ ଏଡିଜେ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଦୀପକ କୁମାର ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ବକ୍ତା ଭାବେ ରାଉରକେଲାର ଦ୍ୱିତୀୟ ଏଡିଜେ ସଦାଶିବ ଜେନା ଯୋଗଦେଇ ବ୍ୟାସକବି ଫକିରମୋହନଙ୍କ ପ୍ରସିଦ୍ଧ 'ରେବତୀ' ଗଳ୍ପରୁ ନାରୀ ଅଧିକାରର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ମହିଳା ପୁଲିସ ବିନା ନାରୀଙ୍କୁ ଗିରଫ କରାନଯିବା ଓ ମହିଳାଙ୍କ ସୁରକ୍ଷା ପାଇଁ ଆଇନରେ ଥିବା ବ୍ୟବସ୍ଥା ଉପରେ ସେ ଆଲୋକପାତ କରିଥିଲେ । ରାଉରକେଲା ସିଭିଲ ଜଜ-କମ୍-ଜେଏମ୍ଏଫ୍‌ସି ରଜତ କୁମାର ପଣ୍ଡା ଜମିଜମା ମାମଲା ଓ ସମ୍ପତ୍ତିର ଅଧିକାର କ୍ଷେତ୍ରରେ ପୁରୁଷଙ୍କ ସହିତ ମହିଳାଙ୍କ ସମାନ ଅଧିକାର ରହିଛି ବୋଲି କହିଥିଲେ । ରୁରାଲ ଜେଏମ୍ଏଫ୍‌ସି ସିଦ୍ଧାର୍ଥ ଶଙ୍କର ସେନାପତି ଘରୋଇ ହିଂସା, ନାରୀ ନିର୍ଯାତନା, ଯୌନ ଶୋଷଣ କ୍ଷେତ୍ରରେ ମହିଳାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଥିବା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ଜେଏମ୍ଏଫ୍‌ସି ବିଦ୍ୟୁତ୍‌ଲତା ପ୍ରଧାନ ପ୍ରମୁଖ ଯୋଗଦାନ କରି ମହିଳାମାନଙ୍କ ସୁରକ୍ଷା ଓ ସମ୍ମାନ ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଏସଡିଜେଏମ ରଂଜନ କୁମାର ପ୍ରଧାନ, ଜେଏମଏଫସି ଇତିଶ୍ରୀ ମହାପାତ୍ର, ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ପାଠଚକ୍ରରେ ଯୋଗ ଦେଇଥିବା ବିଦ୍ୟାର୍ଥୀ ଓ ଆଲୋଚକଙ୍କୁ ଅଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି ସ୍ୱାଗତ କରିବା ସହ ପାଠଚକ୍ରର ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ତନ୍ମୟରାଜ ପାଢ଼ୀ ଆଜିର ସାମାଜିକ ଚଳଣୀ ପରିପ୍ରେକ୍ଷୀରେ ମହିଳାମାନଙ୍କ ଭୂମିକାର ଆବଶ୍ୟକତା ଉପରେ ଉଲ୍ଲେଖ କରିଥିଲେ । ପାଠଚକ୍ରକୁ ସଫଳ କରାଇଥିବାରୁ ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ କିରାଣୀ ମନୋରଞ୍ଜନ ମହାନ୍ତି, ସହାୟିକା କିରାଣୀ ସୁଜାତା ନାୟକ, ଦେବାଶିଷ ବେହେରା ଓ ଅକ୍ଷୟ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ ।

Scanned with CamScanner

# କୋଭିଡ୍-୧୯ ସଚେତନ ଯାତ୍ରା




ରାଉରକେଲା, ୮/୩(ଇମିସ): ଆଇନ ମହାବିଦ୍ୟାଳୟ ଆନୁକୂଲ୍ୟରେ କୋଭିଡ୍-୧୯ ସଚେତନତା ଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ଅନେକ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ ଏକ ପଦଯାତ୍ରା ନୟାବଜାର ଓ ସେକ୍ଟର-୨୧ରେ ପରିକ୍ରମା କରିଥିଲେ। ପରିକ୍ରମାବେଳେ ଛାତ୍ରଛାତ୍ରୀମାନେ ସାଧାରଣ ଲୋକଙ୍କୁ କୋଭିଡ୍ ନିୟମ ପାଳନ ନେଇ ସଚେତନ କରାଇଥିଲେ। ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ବସ୍ତିକୁ ଯାଇ ସେଠାକାର ଲୋକଙ୍କୁ କରୋନ ମହାମାରୀ ଓ କରୋନାର ନୂଆ ଷ୍ଟ୍ରେନ ସମ୍ପର୍କରେ ଅବଗତ କରାଇଥିଲେ। ଏହା ସହିତ ବରିଷ୍ଠ ନାଗରିକମାନଙ୍କୁ ଟିକା ନେବାକୁ ଉତ୍ସାହିତ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ, ତନ୍ମୟ ରାଜ ପାଢ଼ି ପରିଚାଳନା କରିଥିବାବେଳେ ଅଧ୍ୟାପକ ଦୁବ୍ୟେନ୍ଦୁ କୁମାର ପଣ୍ଡା, ଅଧ୍ୟାପିକା ସମ୍ପାଦିକା ମହାନ୍ତି, ଅଧ୍ୟାପିକା ପ୍ରଜ୍ଞା ପାରମିତା ପଣ୍ଡା ଏହି ସଭାରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

Scanned with CamScanner

...ଉପସଭାପତି ବ୍ରଜ ମୋହନ ଅଗ୍ରୱାଲ ଖାଉଟି ଓ ମହିଳା, ପୁରୁଷ ଓ ସହରରେ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

# ଆଇନ ମହାବିଦ୍ୟାଳୟରେ ବିଶ୍ୱ ଖାଉଟି ସୁରକ୍ଷା ଦିବସ





ରାଉରକେଲା, ୧୫।୩ (ଆ.ପ୍ର.): ନୟାବଜାରସ୍ଥିତ ଆଇନ ମହାବିଦ୍ୟାଳୟରେ ବିଶ୍ୱ ଖାଉଟି ସୁରକ୍ଷା ଦିବସ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ପୁଲିସ ଅଧିକାରୀ ସୁମନ ଦତ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଉଟି ସଚେତନତା ଓ ଖାଉଟି ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଅଧ୍ୟାପିକା ପ୍ରଜ୍ଞାପାରମିତା ପଣ୍ଡା ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ବେହେରା ଖାଉଟି ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋଚନା କରି ଆଇନର ଛାତ୍ରଛାତ୍ରୀ ଏସମ୍ପର୍କରେ ଅଧିକ ଜ୍ଞାନ ରଖିଲେ ଶୋଷଣର ଶିକାର ହେଉଥିବା ଖାଉଟିଙ୍କୁ ନ୍ୟାୟ ମିଳିବ ବୋଲି କହିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ମୋନାଲିସା, ସ୍ୱାଗତିକା, ସୀମା, ଅନିତା, ଲିପ୍ସା, ଆଞ୍ଚଲ, ଅମନ ଓ ପିଏମଆର ଟୁଟୁ ପ୍ରମୁଖ ଭାଗ ନେଇ ଖାଉଟି ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ । ଶେଷରେ ଦିବ୍ୟେନ୍ଦୁ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ ଅବସରରେ ଛାତ୍ରଛାତ୍ରୀ ଦିବସର ଉଦ୍ଦେଶ୍ୟକୁ ବୁଝି କାର୍ଯ୍ୟରେ ଉପଯୋଗ କଲେ ଏହାର ଲକ୍ଷ୍ୟ ସଫଳ ହୋଇ ପାରିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଯୋଗଦେଇଥିଲେ ।

# ...ମିମୟ କାର୍ଯ୍ୟକ୍ରମ

ବିଦ୍ୟାଳୟର ଅନେକ ଉନ୍ନତିମୂଳକ କାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା 'ରୋଟାରୀ କ୍ଲବ'ର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ଭଗବାନ ପତି ରୋଟାରୀ କ୍ଲବ୍ ପରିବାର ତରଫରୁ ନିଜ ଅଭିଭାଷଣ ରଖିଥିଲେ ଯେ କିପରି ଏ ଯୁବପିଢ଼ି ନିଜକୁ ସମାଜ ସେବାରେ ସମ୍ପୃକ୍ତ କରିବା ସହ ଦରକାରୀ ଲୋକମାନଙ୍କର ସହାୟତାରେ ନିଜକୁ ସମର୍ପଣ କରିପାରିବେ ସେ ବିଷୟରେ ଅବଗତ କରାଇଥିଲେ । ସଭାରେ

# କ୍ୟାରମ୍ ଟୁର୍ଣ୍ଣାମେଣ୍ଟ: ରାଉରକେଲା ଦଳ ଚମ୍ପିଅନ୍



Scanned with CamScanner

# ଆଇନ ମହାବିଦ୍ୟାଳୟ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ସ୍ୱାଗତ କାର୍ଯ୍ୟକ୍ରମ




ରାଉରକେଲା,୨୨।୩(ଆ.ପ୍ର.): ରାଉରକେଲା ଆଇନ୍ ମହାବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇ ଦେଶ ଗଠନ ତଥା ସମାଜର ସାଧାରଣ ସମସ୍ୟାକୁ ଦୂର କରିବାରେ ଆଇନ୍ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । କେବଳ ଡିଗ୍ରୀ ହାସଲ ପାଇଁ ପାଠ ପଢ଼ିବା ଲକ୍ଷ୍ୟ ନ ରଖି ସମାଜରେ ଦେଖା ଦେଉଥିବା ସାମାଜିକ ତଥା ଆଇନ୍‌ଗତ ସମସ୍ୟାର ଦୂରରେ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି କାର୍ଯ୍ୟକାରୀ ଅଧ୍ୟକ୍ଷ ସଂଜୀବ କୁମାର ମହାନ୍ତି ଯୋଗ ଦେଇ ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିବାରେ ଆଦର୍ଶ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରି ଆଜି ସମାଜରେ ଆଇନ୍ ପାଠ୍ୟର ଉପଯୋଗିତା ଉପରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବେନ୍ଦ୍ରନାଥ ବେହେରା ସ୍ୱାଗତ ଭାଷଣ ଦେବା ସହ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ପରିଚାଳନା କମିଟିର ସହଯୋଗ ପାଇଁ ବିଧାୟକ ତଥା ପରିଚାଳନା କମିଟି ଅଧ୍ୟକ୍ଷ ଶ୍ରୀ ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଆଇନ୍ ଛାତ୍ର ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ବୋଲି କହିବା ସହ ଆଇନ୍ ଛାତ୍ର ଭାବେ ଆଇନ୍‌ର ନିୟମ, ଆଇନ୍‌ର ଭୂମିକା ଓ ଆଇନ୍‌ର ଆରମ୍ଭକୁ ଆଧାର କରି ଭାରତ ଭଳି ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲେ ମହାବିଦ୍ୟାଳୟର ଗୌରବ ବଜାୟ ରହିବ । ନାକ୍ ଟିମ୍‌ର ପ୍ରସ୍ଥାନ ପରେ ମହାବିଦ୍ୟାଳୟର ମାନଦଣ୍ଡ ବୃଦ୍ଧି ପାଇବ ବୋଲି କହିଥିଲେ । ସେଣ୍ଟ୍ରାଲ ୟୁନିଭରସିଟି ଅଫ୍ ଆମେରିକାରୁ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ହାସ କରିଥିବା ଅଧ୍ୟାପିକା ଡ.ସମ୍ପାଦିକା ମହାନ୍ତି ଓ ଅଧ୍ୟାପକ ଡ.ଦିବ୍ୟେନ୍ଦୁ କୁମାର ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା । ସମ୍ବର୍ଦ୍ଧନା ଉତ୍ତରରେ ଡ. ସମ୍ପାଦିକା ମହାନ୍ତି ମହାବିଦ୍ୟାଳୟର ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଶୈକ୍ଷିକ ବାତାବରଣ ହେଉଛି ମହାବିଦ୍ୟାଳୟର ପରିଚୟ ବୋଲି କହିଥିଲେ । ଡକ୍ଟର ଦିବ୍ୟେନ୍ଦୁ କୁମାର ପଣ୍ଡା ସମ୍ବର୍ଦ୍ଧନା ପାଇଁ କୃତଜ୍ଞତା ଜଣାଇବା ସହିତ ମହାବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ । ଅଧ୍ୟାପିକା ପ୍ରଜ୍ଞାପାରମିତା ପଣ୍ଡା ନୂତନ ବର୍ଷର ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଉପାଦେୟ ପରାମର୍ଶ ଦେଇଥିଲେ । ଅଧ୍ୟାପକ ତନ୍ମୟରାଜ ପାଢ଼ୀ ମହାବିଦ୍ୟାଳୟର ନିୟମ ଓ ଶିକ୍ଷାର୍ଥୀଙ୍କ ଆଚରଣ ସମ୍ପର୍କରେ ଆଲୋଚନା କରିଥିଲେ । ଦ୍ୱିତୀୟ ବର୍ଷର ଛାତ୍ରୀ ସୀମା, ସ୍ୱାଗତିକା, ସଙ୍ଗୀତା, ହରପ୍ରିୟା, ସସ୍ମିତା, ଛାତ୍ର ଅଜୟ ଓ ତୃତୀୟ ବର୍ଷର ବିଦ୍ୟା, ମଧୁ, କୁଳଭୂଷଣ ପରିଚାଳନା କରିଥିଲେ । ନୂତନ ବର୍ଷର ଛାତ୍ର ମୋହନ ଅଗ୍ରୱାଲଙ୍କୁ ମିଷ୍ଟର ପ୍ରଫେସର ଏବଂ ଛାତ୍ରୀ ମୋନାଲିସା ସାହୁଙ୍କୁ ମିସ୍ ପ୍ରଫେସର ଭାବେ ଚୟନ କରାଯାଇଥିଲା । ମହାବିଦ୍ୟାଳୟର କାର୍ଯ୍ୟାଳୟ ଅଧୀକ୍ଷକ ମନୋରଂଜନ ମହାନ୍ତିଙ୍କ ସହିତ ଦେବାଶୀଷ, ସୁଜାତା, ଅକ୍ଷୟ ଓ ଲକ୍ଷ୍ମୀପ୍ରିୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

Scanned with CamScanner

...ଆଇନକୁ ଜନଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ବିଧାୟକ ଶାରଦା ପ୍ରସାଦ ନାୟକ କହିଲେ ଯେ, ଏହା ...

... କୁମାର ସୁତାର, ପ୍ରମୋଦ ମିଶ୍ର, ଶିବରାମ ବେହେରା, ଅରୁଣ ମହାରଣା, ଏସ୍ କେ ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତି, ସଚ୍ଚିଦାନନ୍ଦ ମିଶ୍ର, ଉପେନ୍ଦ୍ର ସ୍ୱାଇଁ, ଦାଶରଥି ବିଶୋୟୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ‘ପେସା ଆଇନ ପୌରପାଳିକା କିମ୍ବା ମହାନଗର ନିଗମ ସକାଶେ ବାଧକ ନୁହେଁ’

ରାଉରକେଲା, ୨୬।୩(ଆ.ପ୍ର): ପେସା ଆଇନ ପୌରପାଳିକା କିମ୍ବା ମହାନଗରନିଗମ ଗଠନରେ ବାଧକ ନୁହେଁ ବୋଲି ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର ମତବ୍ୟକ୍ତ କରିଛନ୍ତି। ନୟାବଜାରସ୍ଥିତ ରାଉରକେଲା ଆଇନ ମହାବିଦ୍ୟାଳୟ ପରିସରରେ ପେସା ଆଇନ ସମ୍ପର୍କିତ ଏକ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ କହିଲେ, ସୁପ୍ରିମକୋର୍ଟରେ ଭାରତୀୟ ସମ୍ବିଧାନର ଧାରା ୩୨ ଅନୁଯାୟୀ ପୌର ଆଇନ-୧୯୫୦ ସୁନ୍ଦରଗଡ଼ରେ ଲାଗୁ ହୋଇପାରିବ ନାହିଁ ବୋଲି ଆବେଦନକାରୀ ଉଲ୍ଲେଖ କରିଥିଲେ। କୋର୍ଟ ଏହି ମାମଲାକୁ ପୁଙ୍ଖାନୁପୁଙ୍ଖ ବୁଝାଇବା ସହିତ ଭାରତୀୟ ସମ୍ବିଧାନର ଧାରା ୨୪୪ ତତ୍‌ସଂଲଗ୍ନ ପଞ୍ଚମ ଅନୁଚ୍ଛେଦକୁ ଉଦ୍ଧାର କରି ଏଥିରେ ତପସିଲ ଅଂଚଳ ଓ ଆଦିବାସୀ ଅଂଚଳର ପ୍ରଶାସନିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସମ୍ବିଧାନର ୭୪ତମ ସଂଶୋଧନ ଦ୍ୱାରା ପାର୍ଟ-୯ ଯାହାକି ୧୯୯୩ ମସିହା ଜୁନ ୧ ତାରିଖରୁ କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ ଏଥିରେ ଉଲ୍ଲେଖ କରାଯାଇଛି। ଶ୍ରୀ ମହାପାତ୍ର କହିଲେ, ସହରାଞ୍ଚଳରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ଓ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ପୌର ଆଇନ ତଥା ଏହାର ପରବର୍ତ୍ତୀ ସଂଶୋଧନ ତପସିଲ ଅଞ୍ଚଳରେ ଏହି ଲକ୍ଷ୍ୟ ହାସଲ ପାଇଁ ଉଦ୍ଦିଷ୍ଟ। ଏହି ପୃଷ୍ଠ ଭୂମିରେ ପେଶା ଆଇନ କିମ୍ବା ଗ୍ରାମ ସଭା ପୌରାଞ୍ଚଳରେ ପ୍ରଯୁଜ୍ୟ ନୁହେଁ ବୋଲି ଶ୍ରୀ ମହାପାତ୍ର କହିଥିଲେ। ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି, ପ୍ରଜ୍ଞାପାରମିତା ପଣ୍ଡା, ଅଧ୍ୟାପକ ତନ୍ମୟରାଜ ପାଢୀ ଆଲୋଚନାର ଶୀର୍ଷକ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଥମ ବର୍ଷର ଛାତ୍ର ଦେବେନ୍ଦ୍ର ସିଂଦେଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମବର୍ଷ ଛାତ୍ରୀ ମୋନାଲିସା ସାହୁ ଧନ୍ୟବାଦ ଦେଇଥିଲେ।



# ଦୁଇ ବିଉଟି ପାର୍ଲର ମାଲିକଙ୍କ ମାଡ଼ଗୋଳି ଘଟଣା

Scanned with CamScanner

# ରାଉରକେଲା ମହାବିଦ୍ୟାଳୟରେ ଆଲୋଚନାଚକ୍ର

ରାଉରକେଲା,୪।୪(ଆ.ପ୍ର.): ରାଉରକେଲା ମହାବିଦ୍ୟାଳୟର ଓଡିଆ ଓ ଇତିହାସ ବିଭାଗ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହାକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଜାତା ପ୍ରଧାନ ଉଦ୍‌ଘାଟନ କରିଥିଲେ । ସେ ଉତ୍କଳ ଦିବସର ଏକ ସଂକ୍ଷିପ୍ତ ଐତିହାସିକ ତଥ୍ୟ ପ୍ରଦାନ କରିଥିଲେ । ଓଡିଆ ବିଭାଗ ମୁଖ୍ୟ ରଶ୍ମିପ୍ରଭା ମଥାନ, ଅଧ୍ୟାପକ କରୁଣାକର ପାଟଶାଣୀ, ଅଧ୍ୟାପକ ରଶ୍ମିରଂଜନ ରାଉତ,ଅଧ୍ୟାପିକା ଭାନୁମତୀ ସାହୁ, ଡ. ରବୀନ୍ଦ୍ର କୁମାର ଜେନା, ଜିତେନ୍ଦ୍ର କୁମାର ଡାକୁଆ ପ୍ରମୁଖ ମହାପୁରୁଷଙ୍କ ସ୍ମୃତିଚାରଣ, ଉତ୍କଳୀୟ ଅସ୍ମିତା, ଜାତୀୟତା ଏବଂ ଦେଶପ୍ରୀତି, ଭାଷାଭିତିକ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଗଙ୍ଗାଧର ମେହେରଙ୍କ କବିତାରେ ଉତ୍କଳୀୟ ପ୍ରୀତିର ପରାକାଷ୍ଠା ଥିବା ଦର୍ଶାଯାଇଥିଲା । ପ୍ରୀତମ ମହାନ୍ତି, ଅନୀଲ ରାମ, ଶ୍ରେୟସୀ ସାହୁ, ଶାନ୍ତି ଦାଶ, ସଙ୍ଗୀତା ନାୟକ, ସ୍ନିଗଧା ବଳ, ସ୍ୱପ୍ନା ରାଉତ, ଅର୍ପିତା ବେହୁରିଆ, ଫାରୁହାନାଜ ସବା ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉତ୍କଳ ଦିବସକୁ ଏକ ଜାତୀୟ ଜାଗରଣ ବୋଲି ଉଲ୍ଲେଖ କରିଥିଲେ । ମହାବିଦ୍ୟାଳୟ କିରାଣୀ ସୃଷ୍ଟିଧର ଦାସଙ୍କ ସହଯୋଗରେ ସଭାକାର୍ଯ୍ୟ କରାଯାଇଥିଲା । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ବନ୍ଦେ ଉତ୍କଳ ଜନନୀ ଗୀତକୁ ପ୍ରାରମ୍ଭିକ ସଙ୍ଗୀତ ଭାବେ ଗାନ କରିଥିଲେ ପୁଷ୍ପାଂଜଳି ମୁଦୁଲି, ବବିତା କୁମାରୀ ଜେନା, ପୁଷ୍ପଲତା ସାହୁ, ଅଂଜଳି ମୁଣ୍ଡା, ଶ୍ରୀୟାଶ୍ରୀ କୁଜୁର ଏବଂ ବିଷ୍ଣୁପ୍ରିୟା ପାତ୍ର । ଆଲୋଚନାଚକ୍ରକୁ ଡ.ଅରବିନ୍ଦ ଦାସ ସଂଯୋଜନା କରିଥିଲେ । ଅଧ୍ୟାପିକା ସ୍ୱାତିସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ ।

Scanned with CamScanner

# ରାଉରକେଲା ଆଇନ ମହାବିଦ୍ୟାଳୟରେ ପ୍ରାକ୍ତନ ଛାତ୍ର ସଂସଦ ଗଠିତ

ରାଉରକେଲା,୪।୪(ଅଫିସ): ରାଉରକେଲା . ଆଇନ ମହାବିଦ୍ୟାଳୟରେ ପ୍ରାକ୍ତନ ଛାତ୍ର ଛାତ୍ରୀଙ୍କ ସଂସଦ ବା ଆଲୁମନି ଆସୋସିଏସନ୍ ଗଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ଆଇନ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡଃ ଦେବେନ୍ଦ୍ର ନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ସଂଜୀବ ମହାନ୍ତି ଓ ଆଇନଜୀବୀ ସନ୍ତୋଷ କୁମାର ନାୟକଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ । ଅଧ୍ୟାପିକା ପ୍ରଜ୍ଞାପରିମିତା ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ସଭାପତି ଡଃ ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ ପରେ ଆଲୁମନି ଆସୋସିଏସନର ଆବଶ୍ୟକତା ଓ ଆଇନ ମହାବିଦ୍ୟାଳୟକୁ ରାଜ୍ୟସ୍ତରରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୂପେ ଗଢି ତୋଳିବା ପାଇଁ ଉପସ୍ଥିତ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ସେ କହିଲେ, ଯଦି ଆସନ୍ତା ମେ ମାସ ୩୦ ଓ ୩୧ ତାରିଖ ବେଳକୁ କରୋନା ପ୍ରକୋପ କମିଥିବ, ତେବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରାଉରକେଲା ଆଇନ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକ ଦ୍ୱିଦିବସୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରଥମ ଦିନ " ନିରପେକ୍ଷ ନ୍ୟାୟପାଳିକା" ଓ ଦ୍ୱିତୀୟ ଦିନ " ଓଡିଆ ସାହିତ୍ୟରେ ଆଇନର ବିଚାର" ସଂପର୍କରେ ଆଲୋଚନା ସହ ଏକ ସ୍ମରଣିକା ପ୍ରକାଶ ପାଇବ । ଏଥିପାଇଁ ଆଲୁମନି ଓ ଆଇନଜୀବୀ ମାନେ ଏ ବିଷୟରେ ଲେଖା ଦେଇ ପାରିବେ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଦ୍ୱୟ ଏହି ଅବସରରେ ବକ୍ତବ୍ୟ ରଖି ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ଏହି ଅବସରରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ପ୍ରାକ୍ତନ ବରିଷ୍ଠ ପୁଲିସ ଅଧିକାରୀ ସୁମନ ଦତ୍ତ ,ଉପସଭାପତି ବବିତା ମହାପାତ୍ର, ସାଧାରଣ ସଂପାଦକ ତ୍ରିଲୋକିନାଥ ପାଣ୍ଡେ, ସହସଂପାଦକ ପ୍ରକାଶ ରାୟ, କୋଷାଧ୍ୟକ୍ଷ ରୂପେ ପ୍ରଜ୍ଞାପରିମିତା ପଣ୍ଡା, କାର୍ଯ୍ୟକାରୀ ସଂପାଦକ ରୂପେ ଦେବାଶିଷ ମହାନ୍ତି, ଲୋକସମ୍ପର୍କ ସଂଯୋଜକ ରୂପେ କୁଞ୍ଜବିହାରୀ ରାଉତ ଓ କାର୍ଯ୍ୟକାରୀ ସଦସ୍ୟ ରୂପେ ସର୍ବଶ୍ରୀ ବିଜୟାନନ୍ଦ ପ୍ରଧାନ,ଅଂଜନ ବାରିକ, ଆରତୀ ଚୌଧୁରୀ, ସୁଦାମ ଦାଶ, ଧନନ୍ତିଆ ପାଣ୍ଡିଆ, ବିକ୍ରମ ସ୍ୱାଇଁ, ଶଶିକାନ୍ତ ନାୟକ, ତାରିଣୀ କିଙ୍କର ଦାସ, ନରେଶ କୁମାର ମହାପାତ୍ର, ପ୍ରିୟଦର୍ଶନୀ ବାରିକ,ରଜନୀ କାନ୍ତ ସାହୁ, ସୁଧାକର ପଟେଲ, ସଂଜୟ ସାହୁ, ସୁନିଲ କୁମାର



ନାୟକ, ସମ୍ବିତ କୁମାର ରାଉତ, ଅମୂଲ୍ୟ କୁମାର ପାତ୍ର ଓ ଅନ୍ୟମାନେ ମନୋନୀତ ହୋଇଥିଲେ । ନବନିର୍ବାଚିତ ଆଲୁମନି ଆସୋସିଏସନର ସଭାପତି ଶ୍ରୀ ଦତ୍ତ ଓ ସାଧାରଣ ସଂପାଦକ ଶ୍ରୀ ପାଣ୍ଡେ ଏହି ଅବସରରେ ସମସ୍ତ ପ୍ରାକ୍ତନ ଛାତ୍ରଙ୍କ ସହଯୋଗରେ ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ଏକ ଖସଡା ପ୍ରସ୍ତୁତ କରି ବିଭିନ୍ନ କାର୍ଯ୍ୟକ୍ରମ ସହ ମହାବିଦ୍ୟାଳୟରେ ଥିବା ସମସ୍ୟା ଗୁଡିକୁ ସମାଧାନ କରିବା ଦିଗରେ ପ୍ରୟାସ କରାଯିବ ବୋଲି କହିଥିଲେ । ଏହା ପୂର୍ବରୁ ରାଉରକେଲା ଆଇନ ମହାବିଦ୍ୟାଳୟ ଓ ଓଡିଶା ସରକାରଙ୍କ ଜୀବନ ବିନ୍ଦୁ ଆନୁକୂଲ୍ୟରେ ଏକ ରକ୍ତ ଦାନ ଶିବିର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ୩୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଦିବ୍ୟେନ୍ଦୁ କୁମାର ପଣ୍ଡା, ତନୟରାଜ ପାଢୀ, ସଂପାଦିକା ମହାନ୍ତି, ପ୍ରଜ୍ଞାପରିମିତା ପଣ୍ଡା, ବଡବାବୁ ମନୋରଞ୍ଜନ ମହାନ୍ତି, ଅକ୍ଷୟ କୁମାର ଦାସ, ବିଭୁତି ଭୂଷଣ ପ୍ରଧାଣ, ଡି ଅଭିକ କୁମାର, ସୁପ୍ରିୟା କିସ୍ପୋ, ଅମନ୍ ରାୟ, ଅଂଜନ ପୂରନ, ବିଦ୍ୟାବତୀ ବାଗ, ମଧୁମତୀ ପତି ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ ।

Scanned with CamScanner

# ଆଇନ ମହାବିଦ୍ୟାଳୟରେ ଆଇନଜୀବୀ ଦିବସ

ରାଉରକେଲା, ୩୦।୪ (ଆ.ପ୍ର.): ରାଉରକେଲା ଆଇନ ମହାବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସ ଙ୍କ ଜୟନ୍ତୀ ଅବସରରେ ଏକ ୱେବିନାର୍ ମାଧ୍ୟମରେ "ଆଇନଜୀବୀ ଦିବସ" ପାଳନ କରାଯାଇଥିଲା । ମୁଖ୍ୟବକ୍ତା ଭାବେ ସୁପ୍ରିମ କୋର୍ଟ ତଥା ଓଡ଼ିଶା ହାଇ କୋର୍ଟର ଆଇନଜୀବୀ ବିବେକ ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ । ଶ୍ରୀ ମହାନ୍ତି ବକ୍ତବ୍ୟରେ ମଧୁବାବୁଙ୍କର ଓଡ଼ିଶା ପ୍ରତି ଆନ୍ତରିକତା ଓ ଓଡ଼ିଆ ଜାତି ଓ ଭାଷା ପ୍ରତି ତାଙ୍କର ସମର୍ପଣର ସୂଚନା ଦେଇଥିଲେ । ଏହି ସମ୍ବନ୍ଧରେ ସେ ଶ୍ରୀ ଜଗନ୍ନାଥଙ୍କ ଜମି ମାମଲା ତଥା ଘର ମାଲିକ ଓ ଭଡ଼ାଟିଆର ରୟତି ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ । ମଧୁବାବୁଙ୍କ ଜୀବନକୁ ଅନୁସରଣ କରି ତାହାକୁ କର୍ମକ୍ଷେତ୍ରରେ କାର୍ଯ୍ୟକାରୀ କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇ ଥିଲେ ।

ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ରନାଥ ବେହେରାଙ୍କ ଉପସ୍ଥିତିରେ ଅଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେ ମଧୁବାବୁଙ୍କ ଜୀବନୀ ଏବଂ ନ୍ୟାୟ ପାଇଁ ତାଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ତନ୍ମୟ ରାଜ ପାଢ଼ୀ, ଡକ୍ଟର ଦିବ୍ୟେନ୍ଦୁ କୁମାର ପଣ୍ଡା ଏବଂ ପ୍ରଜ୍ଞା ପାରମିତା ପଣ୍ଡା ଓ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଶେଷରେ ଅଧ୍ୟାପକ ତନ୍ମୟ ରାଜ ପାଢୀ ଧନ୍ୟବାଦ ଦେଇଥିଲେ ।

Scanned with CamScanner

# ରାଉରକେଲା ଆଇନ ମହାବିଦ୍ୟାଳୟରେ ଆଭାସି ବୈଠକ

ରାଉରକେଲା,୨୬।୬(ଆ.ପ୍ର.): ରାଉରକେଲା ଆଇନ ମହାବିଦ୍ୟାଳୟ ପକ୍ଷରୁ ୱେବିନାର ମାଧ୍ୟମରେ ନିଶାଦ୍ରବ୍ୟର ଦୁରୁପଯୋଗ ଓ ଅନୈତିକ କାରବାର ନିବାରଣ ପାଇଁ ବୈଧାନିକ ବ୍ୟବସ୍ଥା ସମ୍ପର୍କିତ ଅନ୍ତର୍ଜାତୀୟ ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଦିବସ ପାଳନର ଦିଗ ଉପରେ ଆଲୋକପାତ କରିଥିଲେ। ବକ୍ତା ଭାବେ କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ଡକ୍ଟର କୁନ୍ତିରାଣୀ ପ୍ରଧାନ ଯୋଗଦେଇ ଏହି ଦିବସ ପାଳନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ନିଶା ଦ୍ରବ୍ୟର ପ୍ରକାର ଓ ଏଥିପାଇଁ ହେଉଥିବା ଅନୈତିକ କାରବାର ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ଥିବା ବୈଧାନିକ ବ୍ୟବସ୍ଥା ଉପରେ ସେ ଆଲୋଚନା କରିଥିଲେ। ଭାରତବର୍ଷର ନିଶାଦ୍ରବ୍ୟ କାରାବାରର ସ୍ଥିତି ସମ୍ପର୍କରେ ଆଲୋଚନା କରି ଏଥିପାଇଁ ଅଧିକରୁ ଅଧିକ ସଚେତନତା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ଆଲୁମ୍ନି ଆସୋସିଏସନ ସଭାପତି ସୁମନ ଦତ୍ତ ଛାତ୍ରଛାତ୍ରୀଙ୍କୁ ଆଇନ ସମ୍ପର୍କରେ ଅଧିକରୁ ଅଧିକ ଜ୍ଞାନ ଆହରଣ ପାଇଁ ପରାମର୍ଶ ଦେଇଥିଲେ। ଡକ୍ଟର ଦିବ୍ୟେନ୍ଦୁ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି, ଅଧ୍ୟାପକ ତନ୍ମୟରାଜ ପାଢୀ ଅଂଶ ଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପିକା ପ୍ରଜ୍ଞାପାରମିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଆଂଶିକ କୋହଳ ପରେ ଅମାନିଆଙ୍କ ଗହଳି

ସାଲନଗରୀ,୨୬।୬(ନି.ପ୍ର): ତାଲାବନ୍ଦ କଟକଣା ପୂର୍ବରୁ ଏହି ଅଞ୍ଚଳରେ ଯେଉଁ ସାମାଜିକ ପରିବେଶ ଲକ୍ଷ୍ୟ କରାଯାଉଥିଲା ଏବେ କଟକଣା ସମୟରେ ମଧ୍ୟ ସମାନ ଅବସ୍ଥା ବଳବତ୍ତର ରହିଥିବା ମନେ ହେଉଛି। ବର୍ତ୍ତମାନ ସୁଦ୍ଧା କରୋନାର ଦ୍ୱିତୀୟ ଲହରି ତାଲାବନ୍ଦ କାର୍ଯ୍ୟକାଳ ସରି ନାହିଁ। ସେପଟୁ ସତର୍କ ଘଣ୍ଟି ବଜାଇଲାଣି ତୃତୀୟ ଲହରୀ। ଏହାର ମୁକାବିଲା କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତିକୁ ଜୋରଦାର କଲେଣି। ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବୃଦ୍ଧି କରିବା ସହ କରୋନା କଟକଣାକୁ ପାଦେ ପାଦେ ମାନିବାକୁ ଗୁହାରି କଲେଣି। କିନ୍ତୁ ଲାଠିକଟା ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଦେଲାଣି। ତାଲାବନ୍ଦର ଆଂଶିକ କୋହଳରେ ଅମାନିଆ ମାନେ ଗହଳି କରୁଥିବା ଦେଖିବାକୁ ମିଳୁଛି। ସହରରେ ଲୋକଙ୍କ ଗହଳି ଚିନ୍ତା ବଢ଼ାଉଥିବାବେଳେ ଅମାନିଆ ବିନା ତୁଣ୍ଡିରେ ଘୁରି ବୁଲିବାକୁ ଦେଖିଲେ ମନରେ ଛନକା ପଶୁଛି। ଜିଲାରେ କରୋନାର ଦ୍ୱିତୀୟ ଲହର ପ୍ରଶମିତ ହୋଇନି। ଯଦିଓ ଜିଲାରେ ସଂକ୍ରମଣ ହାର କମୁଛି ତଥାପି ଆୟତ୍ତକୁ ଆସିନି। ଏପରିସ୍ଥଳେ ସମାନ୍ୟ ଅସାବଧାନତା ପୁଣି ବଡ଼ ବିପଦକୁ ବରଣ କରିପାରେ। ହେଲେ ଅମାନିଆ ଲୋକ ଏହାକୁ ମାନିବାକୁ ନାରାଜ। ରାଜ୍ୟ ସରକାର ତାଲା ବନ୍ଦରେ ଆଂଶିକ କୋହଳ କରିଛନ୍ତି। ନିୟମ ଅନୁଯାୟୀ ସନ୍ଧ୍ୟା ୫ଟା ସୁଦ୍ଧା ସମସ୍ତ ଦୋକାନ ବଜାର ବନ୍ଦ ହେବା କଥା। କିନ୍ତୁ ସନ୍ଧ୍ୟା ୬ଟା ପରେ ମଧ୍ୟ କେତେକ ବ୍ୟବସାୟ ଅନୁଷ୍ଠାନ ମାନଙ୍କରେ କିଣାବିକା ସହିତ ଗ୍ରାହକମାନଙ୍କର ଭିଡ଼ ଲାଗି ରହୁଛି। ମାତ୍ର ସ୍ଥାନୀୟ ପୁଲିସ ଯେତେ କାର୍ଯ୍ୟନୁଷ୍ଠାନର ଧମକ ଦେଇ ନିୟମନୁସାରେ ଦୋକାନ ବନ୍ଦ କରାଉଥିଲେ ମଧ୍ୟ ଅମାନିଆ ବ୍ୟବସାୟୀମାନେ ଲୁଚାଛପାରେ କବାଟକିଳା ବେପାର କରୁଥିବା ଦେଖିବାକୁ ମିଳୁଛି। ଆମିଷ ବଜାର ଠାରୁ ପରିବା ବଜାର ଯାଏଁ ସବୁଠି ପ୍ରବଳ ଗହଳି। ଭିଡ଼ ଏମିତି ଯେ ଟ୍ରାଫିକ ସମସ୍ୟା ଉପୁଜିଲାଣି। ଚାରିଆଡ଼େ ଲୋକେ କରୋନା କଟକଣା ଭାଙ୍ଗି ବିପଦକୁ ଆମନ୍ତ୍ରଣ କରୁଛନ୍ତି। କେବଳ ସହର ନୁହେଁ ଗ୍ରାମାଞ୍ଚଳରେ ଲୋକେ ମଧ୍ୟ ଅମାନିଆ ହେଲେଣି। ପ୍ରଶାସନ ଓ ପୁଲିସର ଢ଼ିଲା ମନୋଭାବ ଯୋଗୁଁ ସନ୍ଧ୍ୟା ପର୍ଯ୍ୟନ୍ତ ସହରର ମୁଖ୍ୟ ସ୍ଥାନ ଓ ଗଳିକନ୍ଦିରେ ଗହଳି ଲାଗି ରହୁଛି। କରୋନାର ପ୍ରଥମ ଲହର ଓ ଦ୍ୱିତୀୟ ଲହର ଭୟାବହତାକୁ ଆଖି ଆଗରେ ଦେଖି ସାରିବା ପରେ ମଧ୍ୟ ଲୋକ ଅବୁଝା ହେବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ତେଣୁ ପ୍ରଶାସନ ଯେତେ ସଜାଗ ହେଲେ ମଧ୍ୟ ତାଲାବନ୍ଦ କୋହଳର ସୁଯୋଗ ନେଇ କେଉଁଠାରେ ମଧ୍ୟ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉନାହିଁ ବରଂ ଯୁଆଡ଼େ ଦେଖିବ ସିଆଡ଼େ ସାହାଣ ମେଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

Scanned with CamScanner

# କ୍ରେତା ଏବଂ ବିକ୍ରେତା ସମ୍ବନ୍ଧୀୟ ଆଇନ ସମ୍ପର୍କିତ ୱେବିନାର

ରାଉରକେଲା, ୨୯।୬(ସମିସ) : ନୟାବଜାରସ୍ଥିତ ରାଉରକେଲା ଆଇନ ମହାବିଦ୍ୟାଳୟରେ 'କ୍ରେତା ଏବଂ ବିକ୍ରେତା ସମ୍ବନ୍ଧୀୟ ଆଇନ' ଉପରେ ଏକ ୱେବିନାରର ଆୟୋଜନ ହୋଇଥିଲା। ରିମସ୍ ଅନୁଷ୍ଠାନର ନିର୍ଦ୍ଦେଶକ ଡ. କରୁଣାକର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ ତନ୍ମୟରାଜ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଡ. ସମ୍ପାଦିକା ମହାନ୍ତି ଅତିଥିଙ୍କ ପରିଚୟ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବେନ୍ଦ୍ରନାଥ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଡ. ପାତ୍ର 'ଦ୍ରବ୍ୟ ବିକ୍ରୟ ଅଧିନିୟମ - ୧୯୩୦' ଉପରେ ପର୍ଯ୍ୟାପ୍ତ ଆଲୋଚନା ସହ ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିଥିଲେ। ୱେବିନାରର ଦ୍ୱିତୀୟ ଅଧିବେଶନରେ 'ଭାରତରେ ଆଇନ ପେସା ବା ଜୀବିକା' ଉପରେ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ପୁରୀରୁ ଆସିଥିବା ସ୍ୱାମୀ ବାଳକୃଷ୍ଣ ଏବଂ ଛତିଶଗଡ଼ ଆଇନ ମହାବିଦ୍ୟାଳୟର ଅଧ୍ୟାପିକା ଏଲୋରା ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ଏହି ଆଭାସୀ ବୈଠକରେ ଡ. ସମ୍ପାଦିକା ମହାନ୍ତି ସ୍ୱାଗତ ଅଭିଭାଷଣ ରଖିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ରନାଥ ବେହେରା ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ଶ୍ରୀମତୀ ପଟ୍ଟନାୟକ ଆଇନ ଶିକ୍ଷାକୁ କେବଳ ପ୍ରାଥମିକ ଶିକ୍ଷା ଭାବେ ନ ଭାବି ତାକୁ କିପରି ସମାଜରେ ଥିବା ସାଧାରଣ ଲୋକଙ୍କୁ ତାଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ ଉପରେ ସଚେତନ କରାଇବାକୁ କହିଥିଲେ। ଡ. ଡିକେ ପଣ୍ଡା ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସଂଯୋଜନା କରିବା ସହ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅଧ୍ୟାପିକା ପ୍ରଜ୍ଞା ପାରମିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

Scanned with CamScanner

# ସାମ୍ବିଧାନିକ ଆଇନ ସମ୍ପର୍କିତ ୱେବିନାର୍

ରାଉରକେଲା, ୨୮।୬ (ସମିସ): ରାଉରକେଲା ଆଇନ ମହାବିଦ୍ୟାଳୟରେ 'ଯୁବ ଆଇନଜୀବୀଙ୍କ ଓକିଲାତି କାର୍ଯ୍ୟକୌଶଳ' ଶୀର୍ଷକ ଉପରେ ଅନୁଷ୍ଠିତ ଏକ ୱେବିନାର୍‌ରେ ସାମ୍ବିଧାନିକ ଆଇନ, ଅଧିକାର ଏବଂ ପ୍ରାଥମିକ ଶିକ୍ଷା ସମ୍ପର୍କରେ ଆଲୋଚନା ହୋଇଯାଇଛି। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଅଭିଜିତ ପଟ୍ଟନାୟକ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ରନାଥ ବେହେରା ସ୍ୱାଗତ ଭାଷଣରେ ଆଇନ ପାଠ୍ୟକ୍ରମର ମହତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ସୁମନ ଦତ୍ତ ସହାୟତା ମନୋଭାବ ସହ ଆଇନସେବା କରିବା ଉଚିତ ବୋଲି କହିଥିଲେ। ଡ. ଦ୍ୱିବେନ୍ଦୁ ପଣ୍ଡା ପରିଚାଳନା କରିଥିଲା ବେଳେ ଅନୁଷ୍ଠାନର ଅଧ୍ୟାପିକା ଡ. ସମାଦ୍ଧିକା ମହାନ୍ତି, ପ୍ରଜ୍ଞା ପାରମିତା ପଣ୍ଡା, ତନ୍ମୟରାଜ ପାଢ଼ୀ ପ୍ରମୁଖ ସଂଯୋଜନା କରିଥିଲେ। ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

Scanned with CamScanner

# ଯୁବ ଆଇନଜୀବୀଙ୍କ ଓକିଲାତିରେ କାର୍ଯ୍ୟକୌଶଳ ଶୀର୍ଷକ ଆଭାସି ଆଲୋଚନା

ରାଉରକେଲା,୨୯।୬(ଆ.ପ୍ର.): ରାଉରକେଲା ଆଇନ ମହାବିଦ୍ୟାଳୟ ପକ୍ଷରୁ 'ଯୁବ ଆଇନଜୀବୀଙ୍କ ଓକିଲାତିରେ କାର୍ଯ୍ୟ କୌଶଳ' ଶୀର୍ଷକ ଆଭାସୀ ଆଲୋଚନା ଅନୁଷ୍ଠିତ ହୋଇ ଯାଇଛି । ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ବେହେରା ସ୍ୱାଗତ ଭାଷଣରେ ଆଇନ ପାଠ୍ୟକ୍ରମର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ଆଇନଜୀବୀଙ୍କ ଉତ୍ସର୍ଗୀକୃତ ଭାବ, ବ୍ୟାପକ ଅଧ୍ୟୟନ, ସମାଜ ସହ ସମ୍ପୃକ୍ତି ନିରନ୍ତର ସାଧନା ଓ ଉପସ୍ଥାପନା ଶୈଳୀ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଆଲୋଚନାରେ ମୁଖ୍ୟବକ୍ତା ଭାବେ ସୁପ୍ରିମ କୋର୍ଟର ଆଇନଜୀବୀ ଅଭିଜିତ ପଟ୍ଟନାୟକ ଯୋଗଦେଇ ସାମ୍ବିଧାନିକ ଆଇନକୁ ଆଇନର ପ୍ରଥମ ଶିକ୍ଷା ବୋଲି କହିଥିଲେ । ସାମ୍ବିଧାନିକ ଅଧିକାର ଉପରେ ବିଶେଷ ଆଲୋଚନା କରିଥିଲେ । ନୂତନ ଆଇନଜୀବୀ ଅଦାଲତରେ ପାଦ ଦେବା ପୂର୍ବରୁ ଆଇପିସି, ସିଆରପିସି ଆଦି ପାଠ୍ୟକ୍ରମ ଉପରେ ଦକ୍ଷତା ରଖିବା ଆବଶ୍ୟକ । ନିଜର ବ୍ୟବହାର, ବାକ୍ ଦକ୍ଷତା, ମକ୍କେଲ ମାନଙ୍କ ସହ ବ୍ୟବହାର ଏବଂ ପ୍ରାରମ୍ଭିକ ସମୟରେ ଯୁବ ଆଇନଜୀବୀଙ୍କ ଅଫିସ ପରିଚାଳନାର ଶୈଳୀ ଉପରେ ଶ୍ରୀ ପଟ୍ଟନାୟକ ଆଲୋକପାତ କରିଥିଲେ । ଅନୈତିକତା ଓ ଦୁର୍ନୀତୀ ମୁକ୍ତ ଓକିଲାତି ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ପୁରାତନ ଛାତ୍ର ସଂସଦର ସଭାପତି ସୁମନ ଦତ୍ତ ଯୋଗଦେଇ ଶ୍ରୀ ପଟ୍ଟନାୟକଙ୍କ ବକ୍ତବ୍ୟ ଯୁବ ଆଇନଜୀବୀଙ୍କ ପାଇଁ ଶିକ୍ଷଣୀୟ ଓ ଅତ୍ୟନ୍ତ ଉପାଦେୟ ହେବ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ଡକ୍ଟର ବିବେନ୍ଦୁ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି, ଅଧ୍ୟାପକ ଉତ୍ତୟରାଜ ପାଣ୍ଡୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଅଧ୍ୟାପିକା ପ୍ରଜ୍ଞା ପାରମିତା ପଣ୍ଡା ଧନ୍ୟବାଦ ଦେଇଥିଲେ ।

Scanned with CamScanner

# ରାଷ୍ଟ୍ରୀୟଓ ଉଦ୍ୟୋଗ ଆଇନ ସମ୍ପର୍କିତ ଆଲୋଚନା

ରାଉରକେଲା, ୧୭ (ସମିସ)

ରାଉରକେଲା ଆଇନ ମହାବିଦ୍ୟାଳୟରେ ପ୍ରଥମ ଅଧିବେଶନରେ 'ଲିଗାଲ ପୋଜିସନ ଅନ୍ ଡୋମେଷ୍ଟିକ ଏନକ୍ୱାରୀ, ରାଇଟ୍ ଅଫ୍ ମ୍ୟାନେଜମେଣ୍ଟ ୱାର୍କମ୍ୟନ୍ ଏଣ୍ଡ ସ୍କୋପ୍ ଅଫ୍ ଟ୍ରିବ୍ୟୁନାଲ' ଉପରେ ଏକ ୱେବିନାର ଆୟୋଜିତ ହୋଇଥିଲା। ଆର୍‌ଏସ୍‌ପି ପୂର୍ବତନ ବରିଷ୍ଠ ପ୍ରବନ୍ଧକ ଏବଂ ଆଇନ ବିଭାଗର ଅଧିକାରୀ ପ୍ରଦୀପ୍ତ କେଶରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ତନ୍ମୟରାଜ ପାଢ଼ୀ ସ୍ୱାଗତ ଭାଷଣ, ଡ. ଦିବ୍ୟେନ୍ଦୁ ପଣ୍ଡା ଅତିଥିଙ୍କ ପରିଚୟ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବେନ୍ଦ୍ରନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଶିଳ୍ପର ଆଭ୍ୟନ୍ତରୀଣ ବ୍ୟାପାର, ପ୍ରାକୃତିକ ନ୍ୟାୟର ନିୟମ ଏବଂ କେଉଁ ପରିସ୍ଥିତିରେ ନ୍ୟାୟପୀଠର ହସ୍ତକ୍ଷେପ ଇତ୍ୟାଦି ଉପରେ ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟବକ୍ତା ଭାବେ କଟକ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ମୟଙ୍କ ତିୱାରୀ ବାଣିଜ୍ୟ ଓ ବ୍ୟବସାୟରେ ନୈତିକତା ଏବଂ ଦାୟିତ୍ୱବୋଧ, ସଙ୍କୋଚତା, ନିର୍ଭିକତା ଓ ସଙ୍ଘବୋଧ ଶାସନ ନୀତିର ଚାରୋଟି ସ୍ତମ୍ଭ ବୋଲି କହିଥିଲେ। ଅଧ୍ୟାପିକା ଡ. ସମ୍ପାଦିକା ମହାନ୍ତି, ପ୍ରଜ୍ଞା ପାରମିତା ପଣ୍ଡା, ଅଧ୍ୟାପକ ତନ୍ମୟରାଜ ପାଢ଼ୀ ଏବଂ ସମସ୍ତ କର୍ମଚାରୀ ସଂଯୋଜନା କରିଥିଲେ। ଅଧ୍ୟାପିକା ପ୍ରଜ୍ଞା ପାରମିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଆଇନ ମହାବିଦ୍ୟାଳୟରେ ଆଭାସି ଆଲୋଚନାଚକ୍ର

ରାଉରକେଲା,୨୭(ଆ.ପ୍ର.): ରାଉରକେଲା ଆଇନ୍ ମହାବିଦ୍ୟାଳୟର ଦୁଇଟି ପର୍ଯ୍ୟାୟରେ ଆଭାସି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଘରୋଇ ତଦନ୍ତରେ ଆଇନଗତ ବ୍ୟବସ୍ଥା, ପରିଚାଳନା କର୍ତ୍ତୃପକ୍ଷ ଓ ଶ୍ରମିକଙ୍କ ଅଧିକାର ଓ ଟ୍ରିବ୍ୟୁନାଲର ପରିସର ଶୀର୍ଷକ ଉପରେ ଏହି ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ ଆର୍‌ଏସ୍‌ପିର ପ୍ରାକ୍ତନ ବରିଷ୍ଠ ପ୍ରବନ୍ଧକ ତଥା ଆଇନ୍ ବିଭାଗ ଅଧିକାରୀ ପ୍ରଦୀପ୍ତ କେଶରୀ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ରନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଧ୍ୟାପକ ତନ୍ମୟରାଜ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ । ଡ.ଦିବ୍ୟେନ୍ଦୁ କୁମାର ପଣ୍ଡା ଅତିଥି ପରିଚୟ ଦେଇଥିଲେ । ମୁଖ୍ୟବକ୍ତା ଶିଳ୍ପର ଆଭ୍ୟନ୍ତରୀଣ ବ୍ୟାପାର, ପ୍ରାକୃତିକ ନ୍ୟାୟର ନିୟମ ଓ କେଉଁ ପରିସ୍ଥିତିରେ ନ୍ୟାୟପୀଠର ହସ୍ତକ୍ଷେପ ଇତ୍ୟାଦି ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏ ନେଇ ସେ ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିଥିଲେ । ଦ୍ୱିତୀୟ ଅଧିବେଶନରେ କର୍ପୋରେଟ ପ୍ରଶାସନିକ ବ୍ୟବସ୍ଥା ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା । ମୁଖ୍ୟବକ୍ତା ଭାବେ ଜାତୀୟ ଆଇନ୍ ମହାବିଦ୍ୟାଳୟ ଅଧ୍ୟାପକ ମୟଙ୍କ ତିୱାରୀ ଯୋଗଦାନ କରି ନ୍ୟାୟପାଳିକା ବିଭିନ୍ନ ଦିଗ ଉପରେ ବହୁ ଉପାଦେୟ ତଥ୍ୟମାନ ଉପସ୍ଥାପନ କରିଥିଲେ । ବାଣିଜ୍ୟ ଓ ବ୍ୟବସାୟରେ ନୈତିକତା ଏକାନ୍ତ ଆବଶ୍ୟକ ଏବଂ ଦାୟିତ୍ୱବୋଧ, ସଚ୍ଚୋଟତା, ନିର୍ଭୀକତା ଓ ସଂଘବୋଧ ଶାସନ ନୀତିର ୪ଟି ସ୍ତମ୍ଭ ବୋଲି ଉଲ୍ଲେଖ କରିଥିବା ବେଳେ ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଦେବେନ୍ଦ୍ରନାଥ ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ପ୍ରଶାସନ ଓ ଆଇନ୍ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ.ସମ୍ପାଦିକା ମହାନ୍ତି, ଅଧ୍ୟାପକ ତନ୍ମୟରାଜ ପାଢୀ, ଡକ୍ଟର ଦ୍ୱିବ୍ୟେନ୍ଦୁ ପଣ୍ଡା ସଂଯୋଜନା କରିଥିଲେ । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଏହାକୁ ସଫଳ କରିଥିଲେ । ଅଧ୍ୟାପିକା ପ୍ରଜ୍ଞାପାରମିତା ପଣ୍ଡା ଧନ୍ୟବାଦ ଦେଇଥିଲେ ।

Scanned with CamScanner

# ଆଇନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ପ୍ରଥମ କାର୍ଯ୍ୟକାରିଣୀ

**ରାଉରକେଲା, ୧୭।୭(ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟ ପୂର୍ବତନ ଛାତ୍ରସଂସଦର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁମନ ଦତ୍ତଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନବଗଠିତ ସଂସଦର ଉପସଭାପତି ବବିତା ମହାପାତ୍ର, ସାଧାରଣ ସଂପାଦକ ତ୍ରିଲୋକିନାଥ ପାଣ୍ଡେ, କୋଷାଧ୍ୟକ୍ଷ ପ୍ରଜ୍ଞା ପରମିତା ପଣ୍ଡା, ଲୋକସମ୍ପର୍କ ଅଧିକାରୀ କୁଞ୍ଜବିହାରୀ ରାଉତ, ସଂଗଠନ ସଂପାଦକ ଦେବାଶିଷ ମହାନ୍ତି ପ୍ରମୁଖ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଦେବେନ୍ଦ୍ରନାଥ ବେହେରା ସ୍ୱାଗତ ଭାଷଣ ସହ ପୂର୍ବତନ ଛାତ୍ରସଂସଦର ସହଯୋଗରେ ମହାବିଦ୍ୟାଳୟର ଉନ୍ନତି ସଂପର୍କରେ ଆଲୋଚନା କରିଥିଲେ। ଆନୁଷଙ୍ଗିକ ନିୟମାବଳୀ ପ୍ରସ୍ତୁତି, ନୂତନ ସଦସ୍ୟ ଗ୍ରହଣ, ସମସ୍ତ ସଦସ୍ୟଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା, ଲେଟରହେଡ ଓ ଲୋଗୋ, ବ୍ୟାଙ୍କରେ ଆଲୁମନି ନାମରେ ସଂଚୟ ଖାତା ଖୋଲିବା, ୱେବସାଇଟ୍, ଆୟବ୍ୟୟ ହିସାବ ତଥା ଆସନ୍ତା ୨୫ ତାରିଖ ଦିନ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିଲା। ୧୯୭୪ ମହାବିଦ୍ୟାଳୟ ଗଠନ ପରଠାରୁ ଏଠାରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସଦସ୍ୟ ଭାବେ ଗ୍ରହଣ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ମୁଖ୍ୟ ପୃଷ୍ଠପୋଷକ ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ କାର୍ଯ୍ୟକାରୀ ପୃଷ୍ଠପୋଷକ ଭାବେ ସଂଜୀବ ମହାନ୍ତି ଓ ଏକ୍ସ ଅଫିସିଓ ମେମ୍ବର ଭାବେ ଅଧ୍ୟକ୍ଷ ଡଃ ଦେବେନ୍ଦ୍ରନାଥ ବେହେରାଙ୍କୁ ମନୋନୀତ କରାଯାଇଛି।

Scanned with CamScanner

# ଆଇନ ମହାବିଦ୍ୟାଳୟରେ ଚାରାରୋପଣ

ରାଉରକେଲା, ୨୫।୭ (ସମିସ)

ରାଉରକେଲା ଆଇନ ମହାବିଦ୍ୟାଳୟର ଆଲୁମନି ଆସୋସିଏସନ୍ ଓ କ୍ଲିନ୍ ଆଣ୍ଡ ଗ୍ରୀନ୍ ମିଳିତ ଆନୁକୂଲ୍ୟରେ ରାଉରକେଲା ଆଇନ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନର ସଭାପତି ସୁମନ ଦାଶଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ, ଆଲୁମନି ବିଷ୍ଣୁ ମହାନ୍ତି, ଆଲୁମନି ଆନନ୍ଦ ମହାନ୍ତି, ନିହାର ରାୟ, କଂଗ୍ରେସର ବରିଷ୍ଠ ନେତା ପ୍ରଶାନ୍ତ ସେଠୀ, ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବେନ୍ଦ୍ରନାଥ ବେହେରା, ସମ୍ବଲପୁର ଡିଏଫଓ ପି.କେ ଧଳ, ମହାବିଦ୍ୟାଳୟର ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ସଂଜୀବ ମହାନ୍ତି ପ୍ରମୁଖ ଚାରା ରୋପଣ କରିବା ସହ ମାସ୍କ ବଣ୍ଟନ କରିଥିଲେ। କ୍ଲିନ୍ ଆଣ୍ଡ ଗ୍ରୀନର ବରିଷ୍ଠ ସଦସ୍ୟ ହିମାଂଶୁ ମହାପାତ୍ର ଓ ବିଭୂତି



ଭୂଷଣ ବିଶ୍ୱାଳଙ୍କୁ ଆଲୁମନି ଆସୋସିଏସନର ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୫୦ଟି ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଛି।

Scanned with CamScanner

# 'ଶୀର୍ଷରେ ପହଞ୍ଚିବା ପାଇଁ ଗୁଗଲ ନୁହେଁ ବରଂ ଉତ୍ତମ ଶିକ୍ଷକଙ୍କ ଆବଶ୍ୟକତା ରହିଛି'

## ରାଉରକେଲା ଆଇନ ମହାବିଦ୍ୟାଳୟର ଦୁଇ ଦିନିଆ ଆଲୋଚନାଚକ୍ର ଉଦ୍‌ଯାପିତ

ରାଉରକେଲା,୨ ।୧୨(ଆ. ପ୍ର.): ଶୀର୍ଷରେ ପହଞ୍ଚିବା ପାଇଁ ଗୁଗଲ ନୁହେଁ ବରଂ ଉତ୍ତମ ଶିକ୍ଷକଙ୍କ ଆବଶ୍ୟକତା ରହିଛି ବୋଲି କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ଡଃ କମଲଜୀତ ସିଂହ ମତବ୍ୟକ୍ତ କରିଛନ୍ତି । ରାଉରକେଲା ଆଇନ ମହାବିଦ୍ୟାଳୟରେ ଚାଲିଥିବା ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ରର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ । ଦ୍ୱିତୀୟ ଦିନରେ "ସାଂପ୍ରତିକ ସ୍ଥିତିରେ ଆଇନ ଶିକ୍ଷାର ଉପାଦେୟତା" ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଡଃ ସିଂହ ଆଲୋଚ୍ୟ ବିଷୟ ସଂପର୍କରେ ଆଲୋଚନା କରିବା ସହ ସାଂପ୍ରତିକ ସ୍ଥିତିରେ ଆଇନ ଶିକ୍ଷାର ଗୁରୁତ୍ୱ ବଢ଼ିଥିବା କହିଥିଲେ । ଛାତ୍ରଛାତ୍ରୀଙ୍କୁ ନିଜ ଉପରେ ଭରସା ରଖି ଅଧ୍ୟୟନ ଓ ଗୁରୁଙ୍କ ଉପରେ ଅଧିକ ନିର୍ଭରଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ । ସଫଳତା ପାଇଁ ଉତ୍ତମ ଶିକ୍ଷକଙ୍କର ଆବଶ୍ୟକତା ଅଛି । କାରଣ ଗୁରୁ ହେଉଛନ୍ତି ଜ୍ଞାନର ଭଣ୍ଡାର । ମହାବିଦ୍ୟାଳୟର ପାରିପାର୍ଶ୍ୱିକ ଓ ଶୈକ୍ଷିକ ବାତାବରଣକୁ ସେ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହା ରାଜ୍ୟର ତଥା ଦେଶର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ରୂପେ ପରିଚିତି ଲାଭ କରିବ ବୋଲି ଆଶା ପ୍ରକାଶ କରିଥିଲେ । ଅଧ୍ୟାପିକା ପ୍ରଜ୍ଞା ପରମିତା ପଣ୍ଡାଙ୍କ ସଂଯୋଜନା ଓ ଆଇନ ମହାବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗୀୟ ମୁଖ୍ୟ ଡଃ ମାନକେତନ ସାହୁ ଓ କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ମୁଖ୍ୟ ଡଃ ସତ୍ୟନାରାୟଣ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶୀର୍ଷକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଆଇନ ଶିକ୍ଷାର ପରିସର ଭାରତରେ ବହୁତ ଭଲ ରହିଥିଲେ ହେଁ କିଛିଟା ଅସୁବିଧା ବି ରହିଛି । ଆଇନର ଛାତ୍ର ହିସାବରେ ନିଜର ପରିଚୟକୁ ନେଇ ଗର୍ବ



କରିବା ଉଚିତ । ସେହିପରି ଶିକ୍ଷକମାନଙ୍କ ଦାୟିତ୍ୱ ଆଇନ ଶିକ୍ଷାକୁ ବ୍ୟାପକ ତଥା ଉଚ୍ଚକୋଟିର କରିବା ଆବଶ୍ୟକ ବୋଲି ଅତିଥିବୃନ୍ଦ କହିଥିଲେ । ବରଗଡ଼ ବିକାଶ ଆଇନ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ବିକ୍ରମ କୁମାର ଦାସ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ ଅଧ୍ୟକ୍ଷ ଡଃ ଦେବେନ୍ଦ୍ର ନାଥ ବେହେରା ସ୍ୱାଗତ ଭାଷଣ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । । ଦ୍ୱିତୀୟ ପର୍ଯ୍ୟାୟରେ ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ରିଡର ଡଃ ବିଭୁରଂଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଡଃ ପ୍ରୟାଗ ଦଣ୍ଡସେନା ଉପାଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ । ଶୁଭମ ଓରାମଙ୍କ ସଂଯୋଜନାରେ ରାଉରକେଲା ଓ ସମ୍ବଲପୁର ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସୁଶ୍ରୀ ମୋନାଲିସା ସାହୁ, ତାରିଣୀ କିଙ୍କର ଦାସ, ବିଜୟ କୁମାର ଏକ୍କା, ସତ୍ୟଜିତ ମିଶ୍ର, ମୀନାକ୍ଷୀ ପାଣିଗ୍ରାହୀ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡଃ ବେହେରାଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ସଂଜୀବ କୁମାର ମହାନ୍ତି ମୁଖ୍ୟ ଅତିଥି, ଆଲୁମନି ତଥା ସିଟୁର ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଓ ଆଲୁମନି ଆସୋସିଏସନ୍ ର ସଭାପତି ସୁମନ ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ସ୍ଥିତିରେ ଆଇନ ଶିକ୍ଷା,ସମ୍ବିଧାନ ଓ ପରିବେଶ ସୁରକ୍ଷା ସଂପର୍କରେ ମତ ରଖିବା ସହ ଆଇନ ମହାବିଦ୍ୟାଳୟର ଇତିବୃତ୍ତି ବିଷୟରେ କହିଥିଲେ । ପ୍ରାରମ୍ଭରେ ଡଃ ସଂପାଦିକା ମହାନ୍ତି ସ୍ୱାଗତ ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୂଜା ଅଖତର ସଂଗୀତ ପରିବେଷଣ ତଥା ଆଇନ ମହାବିଦ୍ୟାଳୟର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ମାନସ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ଆଇନ ସହାୟତା କେନ୍ଦ୍ରର ସଂପାଦକ ଶୁଭଶ୍ରୀ ପ୍ରଧାନ ଓ ଆଇନଜୀବୀ ସ୍ନେହଲତା ପଟେଲ, ଆଲୁମ୍ନି ଆସୋସିଏସନର ସର୍ବଶ୍ରୀ ଆନନ୍ଦ ଚନ୍ଦ୍ର ମହାନ୍ତି, ମନୋରଞ୍ଜନ ଦାଶ, ଗିରିଶ ମହାପାତ୍ର, ଧୀରେନ ସେନାପତି, ସୁନିଲ ବିଶି,ପ୍ରଶାନ୍ତ ସେଠୀ;କୈଳାଶ ପ୍ରଧାନ, ଚଣ୍ଡିପ୍ରସାଦ ଷଡ଼ଙ୍ଗୀ, ଦେବାଶିଷ ମହାନ୍ତି, ନରେଶ କୁମାର ମହାପାତ୍ର, କୁଞ୍ଜବିହାରୀ ରାଉତ, ଦୀପ୍ତିରଂଜନ ମହାନ୍ତି, ପ୍ରଦୀପ ପଟ୍ଟନାୟକ, ବିଜୟ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ମହାବିଦ୍ୟାଳୟର ତନ୍ମୟ ରାଜ ପାଢୀ, ଡଃ ଡି.କେ.ପଣ୍ଡା, ମନୋରଞ୍ଜନ ମହାନ୍ତି, ସୁଜାତା ନାୟକ, ଦେବାଶିଷ ବେହେରା, ଅକ୍ଷୟ ଦାଶ,ଅଜୟ ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ମୋନାଲିସା ସାହୁ ଧନ୍ୟବାଦ ଦେଇଥିଲେ ।

Scanned with CamScanner

# ଆଇନ ମହାବିଦ୍ୟାଳୟରେ ଜାତୀୟ ଆଇନ ସେବା ଦିବସ

ରାଉରକେଲା, ୯।୧୧(ଆ.ପ୍ର.): ଆଭାସୀ ବ୍ୟବସ୍ଥାରେ ରାଉରକେଲା ଆଇନ ମହାବିଦ୍ୟାଳୟରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରି ଏହି ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୯୫ ମସିହାରେ ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ଗରିବ ଶ୍ରେଣୀକୁ ଆଇନ ସେବା ଯୋଗାଇବା ସମ୍ପର୍କରେ ସଚେତନତା ଆରମ୍ଭ କରିବା ଉଦ୍ଦେଶ୍ୟରେ ଏହା ଆରମ୍ଭ କରାଯାଇଥିଲା। ଆଇନ ସେବାରୁ ବଞ୍ଚିତ ଲୋକଙ୍କୁ କିପରି ତାଲୁକ ଆଇନ ସେବା ମାଧ୍ୟମରେ ସଚେତନ କରାଯିବ ତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟବକ୍ତାଭାବେ ଅତିରିକ୍ତ ଜିଲା ଜଜ୍ (ପ୍ରଥମ) ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷା ଡକ୍ଟର ଭି. ସୁଜାତା ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏସଡିଜେଏମ ରଞ୍ଜନ କୁମାର ପ୍ରଧାନ, ଜେଏମଏଫଏସି(ଗ୍ରାମାଞ୍ଚଳ) ସିଦ୍ଧାର୍ଥ ଶଙ୍କର ସେନାପତି ଏହି ଦିବସ ଉପରେ ଆଲୋଚନା କରିଥିଲେ। ଏହି ଆଭାସୀ ବୈଠକରେ ପରିବାର ଅଦାଲତ ବିଚାରପତି ମୋହନରାଓ ଦୋରା, ଏସିଜେଏମ ପ୍ରଦୀପ କୁମାର ବେହେରା, ସିଭିଲ ଜଜ୍ ସିନିୟର ଡିଭିଜନ ନରୋତ୍ତମ ସେଠୀ, ସିଭିଲଜଜ୍ ଜୁନିୟର ଡିଭିଜନ ରଜତ କୁମାର ପଣ୍ଡା, ଜେଏମଏଫସି ସୌରଭ ଶର୍ମା, ସୌରଭ ସାଗର ପ୍ରଧାନ, ଉମାକାନ୍ତ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ତନ୍ମୟ ରାଜ ପାଢୀ, ଡକ୍ଟର ଦିବ୍ୟେନ୍ଦୁ କୁମାର ପଣ୍ଡାଙ୍କ ସମେତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଅଧ୍ୟାପିକା ପ୍ରଜ୍ଞାପାରମିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

Scanned with CamScanner

# ରାଉରକେଲା ଆଇନ ମହାବିଦ୍ୟାଳୟକୁ ଶ୍ରେଷ୍ଠ ଆଇନ ମହାବିଦ୍ୟାଳୟ ମାନ୍ୟତା

ରାଉରକେଲା,୩୧।୧୨(ଆ. ପ୍ର.): ଜାତୀୟ ସ୍ତରରେ ଏକ ଆଭାସି କାର୍ଯ୍ୟକ୍ରମ ସିଇଜିଆର (ସେଣ୍ଟର ଫର ଏଜୁକେସନ ଗ୍ରୋଥ ଆଣ୍ଡ ରିସର୍ଚ୍ଚ) ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଦେଶର ବହୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ପ୍ରତିଷ୍ଠାନର ଗୁଣାତ୍ମକ ମୂଲ୍ୟବୋଧକୁ ସବୁ ଦୃଷ୍ଟିକୋଣରୁ ବିଚାର କରି କେତେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ମାନ୍ୟତା ପ୍ରଦାନ କରାଯାଇଥିଲା । ଏହି ୧୬ତମ ରାଷ୍ଟ୍ରୀୟ ଶିକ୍ଷା ଗୌରବ ସମ୍ମାନ ଉତ୍ସବ କାର୍ଯ୍ୟକ୍ରମ ଅବସରରେ ରାଉରକେଲା ଆଇନ ମହାବିଦ୍ୟାଳୟକୁ ୨୦୨୧ ବର୍ଷ ପାଇଁ "ଓଡିଶାର ଶ୍ରେଷ୍ଠ ଆଇନ ମହାବିଦ୍ୟାଳୟ" ଭାବେ ଘୋଷିତ କରାଯାଇଥିଲା । ରାଉରକେଲା ତଥା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ । ଏହି ଆଭାସି କାର୍ଯ୍ୟକ୍ରମରେ ରାଉରକେଲା ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ରନାଥ ବେହେରା, ଅଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି, ଅଧ୍ୟାପିକା ପ୍ରଜ୍ଞା ପାରମିତା ପଣ୍ଡା, ଅଧ୍ୟାପକ ତନ୍ମୟ ରାଜ ପାତ୍ରୀ, ଅଧ୍ୟାପକ ଡକ୍ଟର ଦିବ୍ୟେନ୍ଦୁ କୁମାର ପଣ୍ଡା ଏବଂ ପୁରାତନ ଛାତ୍ର ସଂସଦର ସଭାପତି ସୁମନ ଦତ୍ତ ଅଂଶ ଗ୍ରହଣ କରିଥିଲେ । ଏହା ବ୍ୟତୀତ ମହାବିଦ୍ୟାଳୟର ମୁଖ୍ୟ କିରାଣୀ ମନୋରଞ୍ଜନ ମହାନ୍ତି, ଦେବାଶିଷ ବେହେରା, ଅକ୍ଷୟ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି କୃତୀ ପାଇଁ ମହାବିଦ୍ୟାଳୟର ପରିଚାଳନା ମଣ୍ଡଳୀର ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ କାର୍ଯ୍ୟକାରୀ ସଭାପତି ସଂଜୀବ କୁମାର ମହାନ୍ତିଙ୍କ ସହଯୋଗ ଉଲ୍ଲେଖନୀୟ ବୋଲି ମହାବିଦ୍ୟାଳୟ ପକ୍ଷରୁ କୁହାଯାଇଛି ।

Scanned with CamScanner

## ରାଉରକେଲା ଆଇନ ମହାବିଦ୍ୟାଳୟ

# ଓଡ଼ିଶାର ଶ୍ରେଷ୍ଠ ଆଇନ ମହାବିଦ୍ୟାଳୟ ଭାବେ ଘୋଷିତ




ରାଉରକେଲା, ୩୧।୧୨(ସମିସ): ନୂଆଦିଲ୍ଲୀସ୍ଥିତ ସିଜିଇଆର (ସେଣ୍ଟର ଫର୍ ଏଜୁକେସନ ଗ୍ରୋଥ୍ ଏଣ୍ଡ ରିସର୍ଚ୍ଚ ) ପକ୍ଷରୁ ଆୟୋଜିତ ୧୬ତମ ରାଷ୍ଟ୍ରୀୟ ଶିକ୍ଷା ଗୌରବ ସମ୍ମାନ ଉତ୍ସବରେ ରାଉରକେଲା ଆଇନ ମହାବିଦ୍ୟାଳୟକୁ ୨୦୨୧ ବର୍ଷ ପାଇଁ 'ଓଡ଼ିଶାର ଶ୍ରେଷ୍ଠ ଆଇନ ମହାବିଦ୍ୟାଳୟ' ଭାବେ ଘୋଷଣା କରାଯାଇଛି। ନୂଆଦିଲ୍ଲୀଠାରେ ଆଜି ଏହି ୧୬ତମ ରାଷ୍ଟ୍ରୀୟ ଶିକ୍ଷା ଗୌରବ ସମ୍ମାନ ଉତ୍ସବ ଏକ ଆଭାସୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ବହୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ପ୍ରତିଷ୍ଠାନର ଗୁଣାତ୍ମକ ମୂଲ୍ୟବୋଧକୁ ସବୁ ଦୃଷ୍ଟିକୋଣରୁ ବିଚାର କରି କେତେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ମାନ୍ୟତା ପ୍ରଦାନ କରଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ଆଇନ ମହାବିଦ୍ୟାଳୟକୁ ୨୦୨୧ ବର୍ଷ ପାଇଁ 'ଓଡ଼ିଶାର ଶ୍ରେଷ୍ଠ ଆଇନ ମହାବିଦ୍ୟାଳୟ' ଭାବେ ଘୋଷଣା କରାଯିବା ସହ ଏନେଇ ଏକ ମାନପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ଦେବେନ୍ଦ୍ରନାଥ ବେହେରା, ଅଧ୍ୟାପିକା ଡ. ସମ୍ପାଦିକା ମହାନ୍ତି, ଅଧ୍ୟାପିକା ପ୍ରଜ୍ଞା ପାରମିତା ପଣ୍ଡା, ଅଧ୍ୟାପକ ତନ୍ମୟରାଜ ପାଢୀ, ଅଧ୍ୟାପକ ଡ. ଦିବ୍ୟେନ୍ଦୁ କୁମାର ପଣ୍ଡା ଏବଂ ପୁରାତନ ଛାତ୍ର ସଂସଦର ସଭାପତି ସୁମନ ଦତ୍ତ ଅଂଶଗ୍ରହଣ କରିଥିଲେ। ଏହାବ୍ୟତୀତ ମହାବିଦ୍ୟାଳୟ କାର୍ଯ୍ୟାଳୟର ମୁଖ୍ୟ କିରାଣି ମନୋରଞ୍ଜନ ମହାନ୍ତି, ଦେବାଶିଷ ବେହେରା, ଅକ୍ଷୟ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଉରକେଲା ଆଇନ ମହାବିଦ୍ୟାଳୟର ଏହି ସଫଳତା ରାଉରକେଲା ତଥା ଓଡିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମହାବିଦ୍ୟାଳୟର ପରିଚାଳନାମଣ୍ଡଳୀର ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ କାର୍ଯ୍ୟକାରୀ ସଭାପତି ସଂଜୀବ କୁମାର ମହାନ୍ତି କହିଛନ୍ତି।

# ରାଉରକେଲା ଆଇନ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ରାଉରକେଲା,୨୫।୧୨(ଆ.ପ୍ର.): ରାଉରକେଲା ଆଇନ ମହାବିଦ୍ୟାଳୟରେ ଆଭାସୀ କାର୍ଯ୍ୟକ୍ରମ ଜରିଆରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । 'ଭାରତରେ ଅପରାଧର ବିଚାର ପ୍ରକ୍ରିୟା : ସଂସ୍କାର, ବ୍ୟାଖ୍ୟାନ ଓ ନୂତନ ରୂପରେଖ' ଶୀର୍ଷକ ଏହି ଆଲୋଚନାଚକ୍ରରେ ସଭାପତିତ୍ୱ କରି ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ବେହେରା ସମସ୍ତ ଅତିଥି, ଅଧ୍ୟାପକ, ଅଧ୍ୟାପିକା, ବରିଷ୍ଠ ଆଇନଜୀବୀ ଏବଂ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ । ସମାଜରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାପାଇଁ ନ୍ୟାୟିକ ବ୍ୟବସ୍ଥାର ପ୍ରଚଳନ, ସମାଜ ବଦଳିବା ସହିତ ଆଇନ ବଦଳୁଛି ତେଣୁ ପରିବର୍ତ୍ତିତ ପରିସ୍ଥିତିରେ ଆଜିର ସମାଜରେ ଆଇନ ବା ନ୍ୟାୟ ବଦଳିବା ଆବଶ୍ୟକତା ଉପରେ ଶ୍ରୀ ବେହେରା ଆଲୋକପାତ କରିଥିଲେ । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି । ଏହି ଆଲୋଚନା ଚକ୍ରର ମୁଖ୍ୟ ଆଲୋଚକ ଭାବେ ସ୍ନାତକୋତ୍ତର ଆଇନ ବିଭାଗ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ମୀନକେତନ ସାହୁ ଯୋଗଦେଇ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ସମାଜରେ ଆଇନର ନ୍ୟାୟିକ ବ୍ୟବସ୍ଥାର ଆରମ୍ଭ ଠାରୁ ନ୍ୟାୟିକ ବ୍ୟବସ୍ଥାର ଉଦ୍ଦେଶ୍ୟ, ଲକ୍ଷ୍ୟ ଏବଂ ପରିବର୍ତ୍ତନର ଆବଶ୍ୟକତା ଉପରେ ବିଭିନ୍ନ ଉଦାହରଣ ମାଧ୍ୟମରେ ମତ ଉପସ୍ଥାପନ କରିଥିଲେ । ସେ ମୁଖ୍ୟତଃ ନାଗା ସମ୍ପ୍ରଦାୟର ଆଇନ, ଅପରାଧର ନ୍ୟାୟିକ ବ୍ୟବସ୍ଥା, ଅଭିଯୁକ୍ତର ଅଧିକାର, ଶିକ୍ଷା ବ୍ୟବସ୍ଥାର ବ୍ୟତିକ୍ରମ, ବନ୍ଦୀମାନଙ୍କ ସ୍ୱାକ୍ଷରତା ଏବଂ ଆଇନ ସମ୍ବନ୍ଧୀୟ ଜାଗୃତିକରଣ ବିଷୟରେ ସବିଶେଷ ମତ ଉପସ୍ଥାପନ କରିଥିଲେ । ଏହାସହିତ ମହିନାଥ କମିଟିର ମତାମତ ଉପରେ ସେ ଆଲୋକପାତ କରିଥିଲେ । ସେ ଉପସ୍ଥିତ ଛାତ୍ରଛାତ୍ରୀ ତଥା ଅଧ୍ୟାପକ, ଅଧ୍ୟାପିକା ତଥା ଗବେଷକ ମାନଙ୍କର ଆଲୋଚନା ଚକ୍ର ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ପ୍ରାଞ୍ଜଳ ଭାବେ ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଅଧ୍ୟାପିକା ଡକ୍ଟର ପ୍ରଜ୍ଞା ପାରମିତା ପଣ୍ଡା, ଅଧ୍ୟାପକ ତନ୍ମୟରାଜ ପାଢୀ, ପୁରାତନ ଛାତ୍ର ସଂସଦର ସଭାପତି ଡ. ସୁମନ ଦତ୍ତ ଓ ପୁରାତନ ଛାତ୍ର ସଂସଦର ସାଙ୍ଗଠନିକ ଦେବାଶିଷ ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଅଧ୍ୟାପକ ଡକ୍ଟର ଦ୍ୱିବେନ୍ଦୁ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ ।

Scanned with CamScanner

# ଆଇନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଚେତନତା କାର୍ଯ୍ୟକ୍ରମ



ରାଉରକେଲା,୨ । ୨(ଆ. ପ୍ର): ରାଉରକେଲା ଆଇନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ(ଆଲୁମ୍ନି) ତରଫରୁ ସେକ୍ଟର ୧୯ ନୟାବଜାର ସ୍ଥିତ ଉତ୍ତମ ବସ୍ତିରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଲୁମନି ଆସୋସିଏସନ୍ର ସଭାପତି ଡକ୍ଟର ସୁମନ ଦତ୍ତଙ୍କ ସଭାପତିତ୍ୱ ତଥା ଉପ ସଭାପତି ଲଳିତା ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଦେବେନ୍ଦ୍ର ନାଥ ବେହେରା ଓ ସମ୍ମାନିତ ଅତିଥି ଭାବେ ଆଲୁମନି ତଥା ସାମାଜିକ କର୍ମୀ ପଶୁପତିନାଥ ଦାଶ ଯୋଗଦେଇ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଆଇନ ସଂପର୍କୀତ ବିଭିନ୍ନ ତଥ୍ୟ ଉପସ୍ଥାପନ କରିବା ସହ ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ସଭାପତି ଡଃ ଦତ୍ତ ଓ ଉପସଭାପତି ଶ୍ରୀମତୀ ମହାପାତ୍ର ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରି ବସ୍ତିବାସିନ୍ଦାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଏହା ସହ କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ ଆବଶ୍ୟକ ସଚେତନତା ବାର୍ତ୍ତା ସହ ମୁଖା ବଣ୍ଟନ କରାଯାଇଥିଲା । ଆସୋସିଏସନର ମୁଖପାତ୍ର କୁଞ୍ଜବିହାରୀ ରାଉତ, ଆଇନ ମହାବିଦ୍ୟାଳୟର ଅଧ୍ୟାପକ ତନ୍ମୟ ରାଜ ପାଢ଼ୀ, କୋଷାଧ୍ୟକ୍ଷ ଅଧ୍ୟାପିକା ଡକ୍ଟର ପ୍ରଜ୍ଞାପାରମିତା ପଣ୍ଡା, ଡକ୍ଟର ଦ୍ବିବେନ୍ଦୁ କୁମାର ପଣ୍ଡା, ଡକ୍ଟର ସଂପାଦିକା ମହାନ୍ତି, ରାମ ବଣିଆ, ନିତ୍ୟାନନ୍ଦ ବିଶୋଇ, ହୃଦୟ ରଂଜନ ମହାନ୍ତି, ନନ୍ଦ କିଶୋର ମହନ୍ତ, ଦେବକୀ କାଳୁଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଆସୋସିଏସନର କୋଷାଧ୍ୟକ୍ଷ ଶ୍ରୀମତୀ ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ଆଇନ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




ରାଉରକେଲା,୧୭।୨(ଆ.ପ୍ର): ରାଉରକେଲା ଆଇନ ମହାବିଦ୍ୟାଳୟରେ ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ (ଆଡଭୋକେଟ) ତ୍ରିଲୋକନାଥ ପାଣ୍ଡେ, ଅଧ୍ୟାପକ ଡକ୍ଟର ଦିବ୍ୟେନ୍ଦୁ ପଣ୍ଡା, ତନ୍ମୟ ରାଜ ପାଢ଼ୀ , ଅଧ୍ୟାପିକା ଡକ୍ଟର ପ୍ରଜ୍ଞାପାରିମତା ପଣ୍ଡା, ଡକ୍ଟର ସମ୍ପାଦିକା ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖି ଉପଯୁକ୍ତ ଶିକ୍ଷା ଆହରଣ କରି ଛାତ୍ରଛାତ୍ରୀ ନିଜକୁ ଭବିଷ୍ୟତରେ ପ୍ରତିଷ୍ଠିତ ହେବାକୁ ଉପାଦେୟ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ବେହେରା ଆଇନ ପାଠ୍ୟକ୍ରମର ଉପଯୋଗିତା ଓ ସାମାଜିକ ବ୍ୟବସ୍ଥାକୁ ସମୃଦ୍ଧ କରିବାରେ ଏହାର ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଶ୍ରେଣୀଗୃହର ପାଠପଢାକୁ ଉପଯୁକ୍ତ ଭାବେ ଆହରଣ କରି ବାସ୍ତବ କ୍ଷେତ୍ରରେ ଏହାକୁ ପ୍ରୟୋଗ କରି ପାରିଲେ ସେମାନେ ସଫଳ ହୋଇପାରିବେ। ଛାତ୍ରଛାତ୍ରୀଙ୍କ ଶିକ୍ଷଣୀୟ ପରିବେଶକୁ ବ୍ୟାପକ କରିବା ପାଇଁ ମହାବିଦ୍ୟାଳୟ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ବାବଦରେ ଅଧ୍ୟକ୍ଷ ଶ୍ରୀ ବେହେରା ସୂଚନା ଦେବା ସହିତ ଲକ୍ଷ୍ୟହାସଲ ପାଇଁ ନିଷ୍ଠା ଓ ସାଧନାର ଏକାନ୍ତ ଆବଶ୍ୟକତା ରହିଛି ବୋଲି କହିଥିଲେ। ଶେଷବର୍ଷର ଛାତ୍ରୀ ସ୍ୱାଗତିକା ନାୟକ, ଦ୍ୱିତୀୟ ବର୍ଷର ଛାତ୍ର ଅମନ ରାୟ, ଛାତ୍ରୀ ଲିପ୍ସାରାଣୀ ପୃଷ୍ଟେଠ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମବର୍ଷର ଛାତ୍ରଛାତ୍ରୀ ସେମାନଙ୍କ ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

Scanned with CamScanner

# ଆଇନ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଶିକ୍ଷା ପାଠ୍ୟ ପରିକ୍ରମା କାର୍ଯ୍ୟକ୍ରମ



ରାଉରକେଲା,୨୨।୩(ଆ.ପ୍ର): ଦୀର୍ଘ ପ୍ରାୟ ୪ ବର୍ଷର ବ୍ୟବଧାନ ପରେ ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଶିକ୍ଷା ପାଠ୍ୟ ପରିକ୍ରମା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହର ପରିବେଶ ସୃଷ୍ଟି କରିଛି। ଏହି ପରିକ୍ରମା ବେଳେ ବିଭିନ୍ନ ଜ୍ଞାନ ଆହରଣର ସୁଯୋଗ ମିଳିଥିଲା। ଶ୍ରୀକ୍ଷେତ୍ରରେ ବଡ଼ ଠାକୁରଙ୍କ ଦର୍ଶନ ଓ ମନ୍ଦିର ପ୍ରଶାସନ ସହିତ ଆଲୋଚନା କାଳରେ ଦେବୋତ୍ତର ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଛାତ୍ରଛାତ୍ରୀ ଜ୍ଞାନ ଆହରଣ ସୁଯୋଗ ପାଇଥିଲେ। କୋଣାର୍କ, ଚନ୍ଦ୍ରଭାଗାରେ ଓଡ଼ିଶାର ଅପୂର୍ବ କଳା, କାରୁକାର୍ଯ୍ୟ ଓ ଐତିହ୍ୟ ସମ୍ପର୍କରେ ଜାଣିବାର ସୁଯୋଗ ମିଳିଥିଲା। ସବୁଠାରୁ ବଡ଼ ଅନୁଭୂତି ଥିଲା ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପରିଦର୍ଶନ। ସେଠାରେ ଉଚ୍ଚନ୍ୟାୟାଳୟ ଓକିଲ ସଂଘ ସହିତ ଆଲୋଚନା ଓ ଭବିଷ୍ୟତରେ ଜଣେ ଆଇନଜୀବୀ ହେବାର ପ୍ରତ୍ୟକ୍ଷ ଅନୁଭୂତି ମିଳିଥିଲା। ସେହିପରି କପିଳାସ, ଧଉଳି, ଅଂଶୁପା ଓ ଟିକରପଡ଼ା ପରିଦର୍ଶନ କାଳରେ ଆଧ୍ୟାତ୍ମିକ ଓ ପ୍ରାକୃତିକ ପର୍ଯ୍ୟଟନ ସମ୍ପର୍କରେ ଜ୍ଞାନ ଆହରଣର ସୁଯୋଗ ମିଳିଥିଲା। ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ରନାଥ ବେହେରା, ଅଧ୍ୟାପକ ଡକ୍ଟର ଦିବ୍ୟେନ୍ଦୁ ପଣ୍ଡା, ଅଧ୍ୟାପକ ତନ୍ମୟରାଜ ପାଢ଼ୀ, ଅଧ୍ୟାପିକା ଡକ୍ଟର ସମାଦିକା ମହାନ୍ତି, ଅଧ୍ୟାପିକା ଡକ୍ଟର ପ୍ରଜ୍ଞାପାରମିତା ପଣ୍ଡାଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ।

Scanned with CamScanner

# ଆଇନ ମହାବିଦ୍ୟାଳୟରେ ଆଇନଜୀବୀ ଦିବସ





ରାଉରକେଲା, ୨୯।୪(ଆ.ପ୍ର.): ନୟାବଜାରସ୍ଥିତ ରାଉରକେଲା ଆଇନ ମହାବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିବୃନ୍ଦ ମଧୁବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ମୁଖ୍ୟଅତିଥିଭାବେ ଯୋଗଦେଇ ରାଉରକେଲା ଓକିଲସଂଘର ସଭାପତି ସୁରେଶ ମାଝି ମଧୁବାବୁଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିବା ସହିତ ଆଇନଜୀବୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥିଭାବେ ଆଇନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ଡକ୍ଟର ସୁମନ ଦତ୍ତ କହିଲେ,ମଧୁବାବୁଙ୍କ ଆଦର୍ଶକୁ ଅନୁସରଣ କଲେ ଏକ ସଫଳ ଓଡ଼ିଶା ଗଠନରେ ଏହା ସହାୟକ ହୋଇପାରିବ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ରନାଥ ବେହେରା କହିଲେ, ମଧୁବାବୁ ହେଉଛନ୍ତି ଓଡ଼ିଶାର ସ୍ୱାଭିମାନ ଓ ଜାତୀୟତାର ପ୍ରତୀକ । ଛାତ୍ରଛାତ୍ରୀ ମଧୁବାବୁଙ୍କ ଜୀବନୀକୁ ଅଧିକ ଜାଣିବା ସହିତ ତାଙ୍କ ଆଦର୍ଶକୁ ଅନୁସରଣ କରିବାକୁ ସେ ଆହ୍ୱାନ ଦେଇଥିଲେ । ଛାତ୍ରଛାତ୍ରୀ ଏହି ଦିବସର ତାତ୍ପର୍ଯ୍ୟ ଓ ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ । ଅଧ୍ୟାପିକା ଡକ୍ଟର ସମାପିକା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧ୍ୟାପିକା ଡକ୍ଟର ପ୍ରଜ୍ଞାପାରମିତା ପଣ୍ଡା, ଅଧ୍ୟାପକ ଡକ୍ଟର ଦିବ୍ୟେନ୍ଦୁ ପଣ୍ଡା ମଞ୍ଚାସୀନ ଥିଲେ । ଅଧ୍ୟାପକ ତନ୍ମୟରାଜ ପାଢୀ ଧନ୍ୟବାଦ ଦେଇଥିଲେ ।

Scanned with CamScanner

# ଆଇନ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଦିବସ

ରାଉରକେଲା, ୯।୫(ଆ.ପ୍ର.): ରାଉରକେଲା ଆଇନ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ରନାଥ ବେହେରା ଏଥିରେ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲା ଯୁବ ରେଡକ୍ରସର ସଂଯୋଜକ ସୁମନ୍ତ କୁମାର ଦ୍ୱିବେଦୀ ମୁଖ୍ୟଅତିଥିଭାବେ ଯୋଗଦେଇ ଏହି ଦିବସର ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରି ଯୁବବର୍ଗ ମଧ୍ୟରେ ସେବା ମାନସିକତା ସୃଷ୍ଟି କରିବାରେ ଏହି ସଙ୍ଗଠନର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ । ସାମାଜିକ କର୍ମୀ ତଥା ମହାବିଦ୍ୟାଳୟର ପୁରାତନ ଛାତ୍ର ପଶୁପତିନାଥ ଚାଟାର୍ଜୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହି ସଙ୍ଗଠନକୁ ଜନ୍ମଦେବାରେ ସମାଜ ସେବା ପ୍ରତି ପ୍ରତିଷ୍ଠାତାଙ୍କର ଥିବା ମହତ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଅଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ମହାବିଦ୍ୟାଳୟର ଯୁବ ରେଡକ୍ରସ ସଂଯୋଜିକା ଅଧ୍ୟାପିକା ଡକ୍ଟର ପ୍ରଜ୍ଞାପାରମିତା ଜେନା, ଅଧ୍ୟାପକ ଡକ୍ଟର ଦିବ୍ୟେନ୍ଦୁ ପଣ୍ଡା, ଅଧ୍ୟାପକ ତନ୍ମୟରାଜ ପାଢ଼ୀ ଉପସ୍ଥିତ ଥିଲେ । ଛାତ୍ର ଶୁଭମ ଓରାମ ଧନ୍ୟବାଦ ଦେଇଥିଲେ । ମହାବିଦ୍ୟାଳୟର ମନୋରଞ୍ଜନ ମହାନ୍ତି, ଦେବାଶିଷ ବେହେରା, ସୁଜାତା ନାୟକ, ଲକ୍ଷ୍ମୀପ୍ରିୟା ସାହୁ, ଅଜୟ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।




Scanned with CamScanner

# ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଶ୍ରେଷ୍ଠ ଶିକ୍ଷାବିତ ସମ୍ମାନ



ରାଉରକେଲା,୨୬(ବ୍ୟୁରୋ): ରାଉରକେଲା ସରକାରୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ରାଉରକେଲା ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବେନ୍ଦ୍ର ନାଥ ବେହେରାଙ୍କୁ ଇଣ୍ଡିଆନ ଜର୍ଣ୍ଣାଲିଷ୍ଟ ୟୁନିୟନ (ଆଇଜେୟୁ) ପକ୍ଷରୁ ଶ୍ରେଷ୍ଠ ଶିକ୍ଷାବିତ ସମ୍ମାନ ପ୍ରଦାନ କରାଯାଇଛି । ଶ୍ରୀ ବେହେରାଙ୍କ ଅନୁପସ୍ଥିତିରେ ଭୁବନେଶ୍ୱର ନିକଟ ଆମ୍ରପାଲି ରିସୋର୍ଟ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ବେହେରାଙ୍କ ପକ୍ଷରୁ ତାଙ୍କ ପୁତ୍ର ଡାକ୍ତର ଡି.ଏସ୍. ଅରବିନ୍ଦ ଏହି ପୁରସ୍କାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଠାରୁ ଗ୍ରହଣ କରିଥିଲେ । ଏଥିପାଇଁ ଶ୍ରୀ ବେହେରାଙ୍କୁ ଆଜି ଆଇନ ମହାବିଦ୍ୟାଳୟରେ ସହକର୍ମୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଉଚ୍ଚଶିକ୍ଷା ବିଭାଗରେ ଅଧିକାରୀ ଭାବେ କାର୍ଯ୍ୟ କରିବା ସହିତ ବିଭିନ୍ନ ମହାବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ଅଧ୍ୟାପନା ସାଙ୍ଗକୁ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ସେ ସୁନାମ ଅର୍ଜନ କରିଛନ୍ତି । ଏବେ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ନିଜର ଏହି ଦକ୍ଷତା ଓ ନେତୃତ୍ୱକୁ ସେ ପ୍ରତିପାଦନ କରୁଛନ୍ତି । ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟାପକ ଡ. ଦିବ୍ୟେନ୍ଦୁ ପଣ୍ଡା, ଅଧ୍ୟାପକ ତନ୍ମୟରାଜ ପାଢ଼ୀ, ଅଧ୍ୟାପିକା ଡ. ସମ୍ପାଦିକା ମହାନ୍ତି, ଅଧ୍ୟାପିକା ଡ. ପ୍ରଜ୍ଞାପରମିତା ପଣ୍ଡା, ମୁଖ୍ୟ କିରାଣୀ ମନୋରଞ୍ଜନ ମହାନ୍ତିଙ୍କ ସମେତ କର୍ମଚାରୀ ତାଙ୍କୁ ସ୍ୱାଗତ ଜଣାଇଥିଲେ ।

Scanned with CamScanner

# ‘ସମାଜ’ ପକ୍ଷରୁ ଆଇନ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ରାଉରକେଲା,୨୭(ଆ.ପ୍ର.): ଦୈନିକ ‘ସମାଜ’ର ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୪ତମ ଶ୍ରାଦ୍ଧ ଦିବସ ଅବସରରେ ୨୯ ତାରିଖ ଠାରୁ ଆରମ୍ଭ ହୋଇଛି ସେବା ଓ ସେବକ ସପ୍ତାହ। ଏହି ପରିପ୍ରେକ୍ଷୀରେ ‘ସମାଜ’ ରାଉରକେଲା ପରିବାର ପକ୍ଷରୁ ନୟାବଜାର ସ୍ଥିତ ଆଇନ ମହାବିଦ୍ୟାଳୟ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ନାଥ ବେହେରା ଉତ୍କଳମଣିଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଶୁଭାରମ୍ଭ କରିଥିଲେ। ଉତ୍କଳମଣି ହୋମିଓପ୍ୟାଥିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡାକ୍ତର ଅଭୟ କୁମାର ନାୟକ, ଆଇନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ଡକ୍ଟର ସୁମନ ଦତ୍ତ, ସଦସ୍ୟ କୁଞ୍ଜବିହାରୀ ରାଉତ, ଦେବାଶିଷ ମହାନ୍ତି, ଆଇନମହାବିଦ୍ୟାଳୟର ଅଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି, ଡକ୍ଟର ପ୍ରଜ୍ଞାପାରମିତା ପଣ୍ଡା, ଅଧ୍ୟାପକ ଡକ୍ଟର ଦିବ୍ୟେନ୍ଦୁ ପଣ୍ଡା, ଅଧ୍ୟାପକ ତନ୍ମୟରାଜ ପାଢୀ, ମୁଖ୍ୟ କିରାଣୀ ମନୋରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଧ୍ୟାପିକା ପ୍ରଜ୍ଞାପାରମିତାଙ୍କ ସହିତ ଆଇନ ମହାବିଦ୍ୟାଳୟର ଅକ୍ଷୟ କୁମାର ଦାଶ, ଅଜୟ କୁମାର ପାଣିଗ୍ରାହୀ, ଆୟୁଷ୍ମାନ ସାହୁ, ଦେବାଶିଷ ବେହେରା, ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଉତ୍କଳମଣି ହୋମିଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ। ସମାଜ ପରିବାର ସଦସ୍ୟଙ୍କ ସହିତ ଆଇନ ମହାବିଦ୍ୟାଳୟର ସୁଜାତା ମହାନ୍ତି, ନନ୍ଦକିଶୋର ମହାନ୍ତ, ମହାବିଦ୍ୟାଳୟ ୟୁଥ୍ ରେଡକ୍ରସ, ହୋମିଓପ୍ୟାଥିକ ମହାବିଦ୍ୟାଳୟର ପ୍ରମୋଦ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ରକ୍ତଦାନ କାର୍ଯ୍ୟକ୍ରମକୁ ରାଉରକେଲା ସରକାରୀ ଡାକ୍ତରଖାନା ରକ୍ତଭଣ୍ଡାରର ଡାକ୍ତର ମୀରା ସାସମଲ, କର୍ମଚାରୀ ଆଶିଷ କୁମାର ପଟେଲ, କୈଳାସ ଚନ୍ଦ୍ର ଖଟୁଆ, ଦିଲୀପ କୁମାର ପୁଥାଳ, ଚୈତନ୍ୟ ମହାନ୍ତ ପରିଚାଳନା କରିଥିଲେ। ଏହି ରକ୍ତଦାନ ଶିବିରରେ ୨୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

Scanned with CamScanner